ନଂ. 0/11127
ତା... 31.1.65

ସମୟ ପ୍ରକାଶନ

ବାଙ୍କାବଜାର, କଟକ—୨

ସାହିତ୍ୟ ସଂସାର, କଟକ—୨ର ଅନନ୍ୟ ଅବଦାନ !

ଭାନୁମତୀର ଜୀବନରେ ଦିନେ ଆସିଥିଲା ବସନ୍ତର ବର୍ଣ୍ଣୋଜ୍ଜ୍ୱଳ ପ୍ରଭାତ, ଫାଲ୍‌ଗୁନର ସ୍ନେହ ମଳୟ ତା ଦେହରେ ବୋଳି ଦେଇଥିଲା ସ୍ୱପ୍ନର ଅଞ୍ଜନ । ଜୀବନର ସେଇ ପ୍ରଭାତରେ ତାର ଜୀବନ ଦେବତା ଆସିଥିଲେ । କିନ୍ତୁ ଅଦିନ ବନ୍ୟାରେ ସବୁ ଓଲଟ ପାଲଟ ହୋଇଗଲା । ଗ୍ରାମସେବିକା ଭାନୁମତୀର ସୁନ୍ଦର ସେଇ କଜ୍ଜ୍ୱଳ କଳା ଆଖିର ସୁଦୃଢ଼ ବନ୍ଧ ଡେଇଁ ଆସିଲା ଲୁହର ବନ୍ୟା ।

ଆଧୁନିକ ଓଡ଼ିଶାର ପୃଷ୍ଠଭୂମି ଉପରେ ରଚିତ
ଗୋଟିଏ ଆବେଗ ପୂର୍ଣ୍ଣ ଅପୂର୍ବ ଉପନ୍ୟାସ

ଭା ନୁ ମ ତୀ

ଲେଖିଛନ୍ତି—ଯତୀନ୍ଦ୍ର କୁମାର ଦାସ
ଦୁଇ ଟଙ୍କା ❋ ବନ୍ଧେଇ ତିନିଟଙ୍କା

ଯୌନ ବିଜ୍ଞାନର ଜ୍ଞାନକୋଷ
ଡାକ୍ତର କ୍ୟାପ୍‌ଟେନ ନୃସିଂହ ଚନ୍ଦ୍ର ରଥଙ୍କ

ଅଭିନବ ଯୌନ ବିଜ୍ଞାନ

ପ୍ରିମିୟର ମେଡ଼ିକାଲ ହଲ, ଚୌଧୁରୀବଜାର, କଟକ—୧

ନିଦ୍ରିତା ଶିଶୁକନ୍ୟା ଆଡ଼େ ଚାହିଁଲେ ବିନୋଦ । ଅକାତରେ ନିଦ୍ରା ଯାଇଛି ସେ । ସଂସାରର ଦୁଃଖ, ଦୈନ୍ୟ, ଲାଭ କ୍ଷତି ସହିତ ତାର କୌଣସି ସମ୍ବନ୍ଧ ନାହିଁ । ନିଜକୁ ନେଇ, ନିଜ କଥା ଭାବି ସେ ବ୍ୟସ୍ତ । ସକାଳୁ ଉଠି ଘର ଓଳାଇବା ଠାରୁ ଅରମ୍ଭ କରି ରନ୍ଧାବଢ଼ା, ପଢାପଢି, ସ୍କୁଲ୍ ଯିବା ଓ ଫେରି ବାକି ଘର କାମ ଶେଷ କରି ପଢ଼ାପଢି କରି ସାରିବା ପରେ ବିଛଣାରେ ଆଶ୍ରୟ ନେବା ପର୍ଯ୍ୟନ୍ତ ଅକ୍ଳାନ୍ତ ପରିଶ୍ରମ ଠିକ୍ ରୁଟିନ୍ ଅନୁଯାୟୀ କରି ଆସୁଛି ଏଗାର ବର୍ଷର ବାଳିକା ସଂଯୁକ୍ତା ।

କନ୍ୟା ଆଡ଼େ ଏକ ଧ୍ୟାନରେ ଚାହିଁ ରହିଥାଏ ବିନୋଦ । ସଂଯୁକ୍ତାର ଶୈଶବ ଅବସ୍ଥା କଥା ମନେ ପଡିଯାଏ । ବର୍ଷକର ଶିଶୁ ସେତେବେଳେ ସେ । ଏପରି କେତୋଟି ଦିନ ସଂଯୁକ୍ତାର ଭାଗ୍ୟରେ ଘଟିଛି, ଟୋପାଏ ଦୁଧ ପାଇଁ ବିନୋଦକୁ କେତେ ପ୍ରକାର କୃଚ୍ଛ୍ର-ସାଧନ କରିବାକୁ ପଡିଛି—ତଥାପି ଗିନାଏ ଦୁଧ ସେ ସଂଗ୍ରହ କରି ପାରି ନାହିଁ ସଂଯୁକ୍ତା ପାଇଁ । ଅନାହାର ଯୋଗୁଁ ସ୍ତ୍ରୀ କମଳା ଅସମୟରେ ଏକମାତ୍ର କନ୍ୟାକୁ ଛାଡ଼ି ଚାଲି ଯାଇଛି, ଯେଉଁ ସ୍ଥାନରୁ କ କେହି କୌଣସି ଦିନ ଫେରନ୍ତି ନାହିଁ ।

ଆଜି ଆଜି, ଆଜି ଆଜି ବିନୋଦର କୌଣସି ଅଭାବ ନାହିଁ । ଯେଉଁ ପରିମାଣରେ ଅର୍ଥ ସେ ସଞ୍ଚୟ କରିଛି, ସଂଯୁକ୍ତା ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବସି ଖାଇଲେ ସୁଦ୍ଧା ତାହା ଶେଷ ହେବ ନାହିଁ ।

ମନେ ମନେ ଗର୍ବ କରେ ବିନୋଦ । ସଂଯୁକ୍ତା ଯେପରି ଆୟାସରେ ଅଛି କେଉଁ ପିତା କନ୍ୟାକୁ ତାର ଏପରି ଅବସ୍ଥାରେ ରଖିଛି ? ଯେତେବେଳେ ତାର ଯାହା ପ୍ରୟୋଜନ, ଝିଅ ମୁହଁରୁ ବାହାରିବା ପୂର୍ବରୁ ବିନୋଦ ତା' ହାତକୁ ବଢାଇ ଦେଇଛି । ଆଶ୍ଚର୍ଯ୍ୟ ! ଏଇ ଜିନଷଟି ତାର ଠିକ୍ ଏହି ସମୟରେ ଦରକାର ବିନୋଦ ତାହା ବୁଝିପାରେ କିପରି ? ନିଜର ଦୂରଦର୍ଶିତା ଦେଖି ମନେ ମନେ ବିସ୍ମିତ ହୁଏ ବିନୋଦ—ବିସ୍ମିତ ହୁଏ ସଂଯୁକ୍ତା ବିନୋଦର ଏ ଦୂରଦର୍ଶିତା ଯୋଗୁଁ ।

ଶିଳ୍ପୀ ବିନୋଦ । କେତେ ବର୍ଷ ତଳେ କେହି ତାର ପରିଚୟ ଜାଣି ନଥିଲେ । ସାମାନ୍ୟ ଚିତ୍ରକର । ଅବହେଳିତ ସେତେବେଳେ ସେ ଦର୍ଶକର ଚକ୍ଷୁରେ । ବିଭିନ୍ନ ପ୍ରଦର୍ଶନୀରେ ସ୍ୱହସ୍ତ ଅଙ୍କିତ ଚିତ୍ର-ଗୁଡ଼ିକ ଆଡ଼େ ଚାହିଁ ହତାଶର ଦୀର୍ଘଶ୍ୱାସ ତ୍ୟାଗ କରିବା ଛଡ଼ା ଆଉ ତାର ଅନ୍ୟ ଉପାୟ କିଛି ନଥିଲା । ଅତି ନିକୃଷ୍ଟ ଚିତ୍ରଗୁଡ଼ିକ ନିକଟରେ ଠିଆ ହୋଇ ଦର୍ଶକମାନେ ସେହି ଚିତ୍ରଗୁଡ଼ିକ ସମ୍ବନ୍ଧରେ ପାଞ୍ଚ ଦଶ ମିନିଟ ଆଲୋଚନା କରିବା ସେ ଶୁଣିଛି, ଖଣ୍ଡେ ଦୁଇ ଖଣ୍ଡ ଚିତ୍ର ଲୋକେ ମଧ୍ୟ କିଣିଛନ୍ତି, କିନ୍ତୁ—କେହିତ କେବେ ତାର ଅଙ୍କିତ ଚିତ୍ର ପ୍ରତି ଦୃଷ୍ଟି ଦେଇ ନାହାନ୍ତି, ସମାଲୋଚନା କରି ନାହାନ୍ତି କିମ୍ବା କିଣି ନାହାନ୍ତି ।

ସେଦିନ ଆଉ ଆଜି । ହସ ମାଡ଼େ ବିନୋଦକୁ । ସେଦିନର ଅବହେଳିତ ଶିଳ୍ପୀ ଆଜି ଜଗତ ବିଖ୍ୟାତ ଚିତ୍ରକର । ସ୍ୱଦେଶ ଓ ବିଦେଶ ସବୁଠି ତାର ସମ୍ମାନ, ତାର ଜୟଜୟକାର ।

ଏ କେଉଁ ଏକ ଅଦୃଶ୍ୟ ଶକ୍ତିର ପ୍ରେରଣା ବିନୋଦ ତାହା ବୁଝି ପାରେନା ।

ଅସ୍ପଷ୍ଟ ଭାବେ ସ୍ମୃତିପଟରେ ଉଦୟ ହୁଏ ମୃତ-ଅତୀତର ଗୋଟିଏ ଦିନର ଘଟଣା ।

ସ୍ତ୍ରୀ ରୋଗ ଶଯ୍ୟାରେ, ଡାକ୍ତର ଡାକିବା ଭଳି ସଙ୍ଗତି ନାହିଁ । ଅଗତ୍ୟା ବିନୋଦକୁ ଯିବାକୁ ହେଲା ସରକାରୀ ଡାକ୍ତରଖାନାକୁ । ଦୁର୍ଗା ନାମ ସ୍ମରଣ କରି ଘରୁ ବାହାରି ପଡିଲା ବିନୋଦ । ଅସଂଖ୍ୟ ଚିନ୍ତାରେ ସେ ସେତେବେଳେ ଅଛନ୍ତି । ମୁମୂର୍ଷୁ ସ୍ତ୍ରୀ, ଅନାହାରକ୍ଲିଷ୍ଟ କନ୍ୟା, ନିଜେ ମଧ୍ୟ ଅଭୁକ୍ତ ରହିଛି ଦୁଇଦିନ ହେବ । ଅନ୍ୟମନସ୍କ ଭାବେ ବାଟ ଚାଲୁ ଚାଲୁ ହଠାତ୍ ନିକଟରେ କୋଳାହଳ ଶୁଣି ଥମକି ଛିଡା ହୋଇଗଲା ସେ । ଘଟଣାଟିକୁ ଜାଣିବା ପାଇଁ ଉତ୍କଣ୍ଠିତ ହୋଇ ଚାରିଆଡ଼େ ଦୃଷ୍ଟି ବୁଲାଇବା ମାତ୍ରେ ହଠାତ୍ ଦୃଷ୍ଟି ତାର କେନ୍ଦ୍ରୀଭୂତ ହେଲା କେତେଗୁଡିଏ ଲୋକଙ୍କୁ ଏକତ୍ରିଭୂତ ହୋଇ ଚିତ୍କାର କରିବା ଦେଖି ।

ଆଉ ଟିକିଏ ଆଗେଇ ଆସିଲା ବିନୋଦ । ଜନତାର ଭିଡ଼ ଆଡେଇ ଘଟଣାଟିକୁ ଜାଣିବା ଉଦ୍ଦେଶ୍ୟରେ ସାମନାରେ ଆସି ଠିଆ ହେଲା । ଯାହା ଦେଖିଲା, ମନେ ମନେ ଶିହରି ଉଠିଲା ବିନୋଦ ।

ଗୋଟିଏ ମାଲ ବୋଝାଇ ଟ୍ରକ ଅତି ନିର୍ମମ ଭାବେ ଗୋଟିଏ ୨୪।୨୫ ବର୍ଷର ଯୁବକ ଉପରେ ମାଡ଼ି ଯାଇଛି । ଡାହାଣ ଗୋଡଟି ନିଷ୍ଠୁର ଚକର ପେଷଣରେ ଛେଚରା ହୋଇ ଯାଇଛି । ଯନ୍ତ୍ରଣାରେ ଯୁବକର ସମସ୍ତ ପେଶୀ କୁଞ୍ଚିତ ହୋଇ ଆସୁଥାଏ । ଅବ୍ୟକ୍ତ ବେଦନାରେ ମୁହଁର ରେଖାଗୁଡ଼ିକ କ୍ରମେ କ୍ରମେ ସଙ୍କୁଚିତ ହୋଇ ଆସୁଥାଏ । କେତୋଟି ନୀଳ ଶିରା ଫୁଲି ଉଠୁଥାଏ ଅସ୍ୱାଭାବିକ ଭାବେ । ବିଭତ୍ସ ମୁହଁ ଦେଖି ଉପସ୍ଥିତ ଜନତା ଯୁବକର ଭାଗ୍ୟକୁ

ଧିକ୍କାର କଲେ । ଧାବମାନ ଟ୍ରକ ଖଣ୍ଡିକ ସେତେବେଳେ ଜନତାର ଆୟତ୍ତର ବାହାରେ ।

ବିନୋଦ ଆଉ ଠିଆ ହେଲା ନାହିଁ । କର୍ତ୍ତବ୍ୟ ତାର ମନେ ପଡ଼ିଲା । ରୁଗ୍ଣା ସ୍ତ୍ରୀ ପାଇଁ ଔଷଧ ନେଇ ଯିବାକୁ ହେବ । ଆଉ ବିଳମ୍ବ ନକରି ଡାକ୍ତରଖାନାକୁ ଆସି ଯେତେଶୀଘ୍ର ସମ୍ଭବ ସେ ଔଷଧ ନେଇ ଘରେ ଆସି ପହଞ୍ଚିଲା । ରୋଗ ସମ୍ବନ୍ଧରେ କଣ ସେ ଡାକ୍ତରଙ୍କୁ କହିଛି ତାହା ମଧ୍ୟ ତାର ମନେ ପଡ଼ିଲା ନାହିଁ । ସ୍ତ୍ରୀକୁ ଔଷଧ ଖୁଆଇ ଦେବା ପରେ ତାର ମନେ ପଡ଼ିଲା ନିଜେ ଯେପରି ଅସୁସ୍ଥ ହୋଇ ପଡ଼ିଛି ସେ ।

ଅସୁସ୍ଥ ! କଣ ପାଇଁ ସେ ଅସୁସ୍ଥତା ଅନୁଭବ କରୁଛି ତାହା ସେ ଆବିଷ୍କାର କରି ପାରେନା । ଗୋଟାଏ ସୟତାନ ଯେପରି ତାକୁ ତାଡ଼ନା କରୁଛି । ଅସ୍ଥିରତାର ଚୂଡ଼ାନ୍ତ କବଳ ଭିତରେ ଥାଇ ନିଜକୁ ଯେପରି କୌଣସି କାର୍ଯ୍ୟରେ ନିୟୋଜିତ କରିପାରୁ ନାହିଁ ।

ସନ୍ଧ୍ୟାବେଳେ ସ୍ତ୍ରୀର ଜର ଟିକିଏ କମି ଆସିଲା । ନିଦ ବୋଧହୁଏ ଲାଗି ଯାଇଥିଲା ରୁକ୍ମଣୀକୁ । ସଂଯୁକ୍ତା ଅନେକ ବେଳୁ ଶୋଇ ପଡ଼ିଥାଏ । ଏଥର ନିଜେ ଟିକିଏ ବିଶ୍ରାମ ନେବା ଲାଗି ସ୍ତ୍ରୀର ରୋଗଶଯ୍ୟା ନିକଟରେ ଗାମୁଛା ଖଣ୍ଡିକ ପାରି ଦେହ ଲମ୍ବାଇ ଦେଲା ।

କିନ୍ତୁ ବିଶ୍ରାମ କି ସେ ନେଇ ପାରିଲା ? ସେହି ସୟତାନ ଯେପରି ବୁକୁ ଉପରେ ଆସି ଅଧିଷ୍ଠାନ କଲା । ହଁ, ଏଥର ବୁଝି ପାରିଛି ବିନୋଦ । ସୟତାନଟାକୁ ସେ ଚିହ୍ନି ପାରିଛି । ମନର ଅସ୍ଥିରତାର କାରଣ ସେ ଏଥର ଆବିଷ୍କାର କରି ପାରିଛି ।

ବିଦ୍ୟୁତ ବେଗରେ ସେ ଉଠି ପଡ଼ିଲା ଭୂମିଶଯ୍ୟା ଛାଡ଼ି । ନିଦ୍ରିତ, ରୋଗକ୍ଲିଷ୍ଟ ପତ୍ନୀ ଆଡେ ଫେରି ଚାହିଁବାର ଅବସର ତାର

ନାହିଁ । ଯେଉଁ ଘରଟିରେ ଚିତ୍ର ସରଞ୍ଜାମ ଥାଏ ସେଠାକୁ ଆସି କ୍ଷିପ୍ରହସ୍ତରେ କ୍ୟାନଭ୍ୟାସ ଉପରେ ସ୍କେଚ୍ ଆଙ୍କିବାକୁ ଲାଗିଲା । ଅନ୍ୟ ଆଡ଼େ ତା'ର ଦୃଷ୍ଟି ନାହିଁ, ଖେୟାଲ ନାହିଁ । ନିଃଶବ୍ଦରେ, ଏକାଗ୍ର ଚିତ୍ତରେ ସ୍କେଚ୍ ଉପରେ ରଙ୍ଗ ତୁଳୀ ଚଳାଇବାକୁ ଲାଗିଲା—ମିନିଟ୍ ପରେ ମିନିଟ୍, ଘଣ୍ଟା ପରେ ଘଣ୍ଟା ଧରି । ଏତେ ଧୈର୍ଯ୍ୟ ସେ ସେଦିନ କିପରି ଭାବରେ ଆୟତ୍ତ କରିଥିଲା ତାହା ମନେ ପଡ଼ିଲେ ବିନୋଦକୁ ହସ ମାଡ଼େ ।

ଆଉ ସାତଟି ଦିନ ସମୟ । ନିଖିଳ ଭାରତ ଶିଳ୍ପ ପ୍ରଦର୍ଶନୀ ପାଇଁ ତାକୁ ଏଥିରୁ ପ୍ରସ୍ତୁତ ହେବାକୁ ପଡ଼ିବ । ତିନି ଦିନ ଭିତରେ ସେ ପ୍ରଦର୍ଶନୀ ପାଇଁ ଚିତ୍ର ପଠାଇବ । ଏପରି ଚିତ୍ର ପଠାଇବ ଯାହା ଆଜି ପର୍ଯ୍ୟନ୍ତ କୌଣସି ଶିଳ୍ପୀ ତୁଳୀକାରେ ଚିତ୍ରିତ କରି ନାହିଁ— କଳ୍ପନାରେ ମଧ୍ୟ ଚିନ୍ତନ କରି ନାହାନ୍ତି ଏପରି ମହାର୍ଘ୍ୟ ଅର୍ଥସଙ୍କୁଳ ମନୋଭାବକୁ

ଚିତ୍ର ଅଙ୍କନ କରୁ କରୁ ବିନୋଦ ମଧ୍ୟ ବେଳେ ବେଳେ ଶିହରି ଉଠେ । ଇସ୍, କେଡ଼େ ବୀଭତ୍ସ ମୂର୍ତ୍ତି ସେ ଅଙ୍କନ କରିଛି ! ଗୋଟାଏ ଗୋଡ଼ର ମାଂସପେଶୀ ବାହାରକୁ ବାହାରି ପଡ଼ିଛି, ସ୍ଥାନଟି ରଙ୍ଗ ରଙ୍ଗା, ମଟର ଚକର ଦାଗ ଗୋଡ଼ ପାଖରେ । ମୂଲ୍ୟବାନ ପୋଷାକ ପରିଚ୍ଛଦରେ ରକ୍ତର ଆଳିମ୍ପନ —ଯନ୍ତ୍ରଣାକାତର ମୁଖର ଅଭିବ୍ୟକ୍ତି, ସବୁ ମିଳି ପୈଶାଚିକତାର ଚରମ ନିଦର୍ଶନ ସେ ଦେଖାଇ ପାରିଛି ନିଜର ପ୍ରତିଭା ବଳରେ । ଭଦ୍ର ମାର୍ଜିତ ଚିତ୍ର ପ୍ରତି କେହି କୌଣସି ଦିନ ଆଗ୍ରହ ପ୍ରକାଶ କରି ନାହାନ୍ତି, ଚରମ ନିଷ୍ଠୁରତା ଭିତରେ ଏଥର ତାର ପ୍ରତିଭା ଜାଗରିତ ହେଉ । ଶିଳ୍ପୀ ମନର ଐକାନ୍ତିକ କାମନା ପୂର୍ଣ୍ଣ ହେଉ ଏହି ନିଷ୍ଠୁରତାର ଆଶ୍ରୟରେ ।

ଭଗବାନ ! ତୁମେ, ସହାୟ ହୁଅ, ଅନାହାରକ୍ଳିଷ୍ଟ ଶିଳ୍ପୀର ଶିଳ୍ପ-ଜୀବନରେ ଆଣ ପରିବର୍ତ୍ତନ—ଆଣ ଅର୍ଥ; ଆଣ ଯଶ। ଏହି କଥା ଭାବି ବିନୋଦ କେଜାଣି ଦେହରେ ଭୂଲକାଉ ସ୍ପର୍ଶ ବୁଲିଯାଏ ।

ଆଜି ମାତ୍ର ହାତରେ ଦୁଇଟି ଦିନ । ବିନୋଦ ବୋଧହୁଏ ସବୁ ଭୁଲି ଯାଇଛି । ସ୍ନାନ, ଆହାର, ନିଦ୍ରା, ସ୍ତ୍ରୀ କଥା ସବୁ ଭୁଲି ଚିତ୍ରାଳୟରେ ନିଃସଙ୍ଗ ଜୀବନଯାପନ କରୁଛି କେତେ ଦିନ ହେଲା । ସାଫଲ୍ୟତାର ଇଙ୍ଗିତ ଯେପରି ସେ ପାଇଛି—ଭଗବାନଙ୍କର ଆଶୀର୍ବାଦ । କିଏ ଆଉ ତାର ଦରକାର ? ସେ ଯେ କେଇଟା ଦିନ ଭିତରେ ପୃଥିବୀ ବିଖ୍ୟାତ ହୋଇ ଉଠିବ !

ଫିନିସିଂ ଟଚ୍ ଦେବା ପୂର୍ବରୁ ଚିତ୍ରଟିକୁ ଆଉ ଥରେ ଭଲ ଭାବେ ଦେଖି ନେଲା ବିନୋଦ । ନା, କୌଣସି ତ୍ରୁଟି ସେ ଚିତ୍ରରେ ରଖି ନାହିଁ । ଅତି ସ୍ୱାଭାବିକ ଓ ମର୍ମସ୍ପର୍ଶୀ ହୋଇଛି ଚିତ୍ରଟି । ଦେଖିବା ମାତ୍ରେ ଅସହାୟ ଯୁବକଟି ଉପରେ ଯେ କୌଣସି ଲୋକର କରୁଣ ଭାବ ଉଦ୍ରେକ ହେବ ଓ ସଙ୍ଗେ ସଙ୍ଗେ ଶିଳ୍ପୀର କଥା ମଧ୍ୟ ମନରେ ହେବ ଦର୍ଶକମାନଙ୍କର । ଶିଳ୍ପୀର ନାମ ପ୍ରତି ଦର୍ଶକର ଦୃଷ୍ଟି ଯେପରି ସହଜରେ ଆକୃଷ୍ଟ ହୁଏ ସେଥିପାଇଁ ବିଶେଷ ସ୍ଥାନଟିରେ ଅତି ସ୍ପଷ୍ଟ ଭାବେ ସେ ଲେଖିଛି "ବିନୋଦ ।"

ଆଜି ତ କିଛି କରଣୀୟ ନାହିଁ । ଫିନସିଂ ଟଚ୍ ଦେଇ ଚିତ୍ରଟିକୁ "ନିଖିଳ ଭାରତ ଶିଳ୍ପ ପ୍ରଦର୍ଶନୀ"ର ସଂପାଦକଙ୍କ ପାଖକୁ ପଠାଇ ଦେବାକୁ ହେବ ଏବଂ ଯେତେ ଶୀଘ୍ର ସମ୍ଭବ ।

ଯଥା ସମୟରେ ସବୁ କାର୍ଯ୍ୟ ସଂପାଦନ କଲା ପରେ ବିନୋଦର କର୍ତ୍ତବ୍ୟଜ୍ଞାନ ଯେପରି ସଚେତନ କଲା । ପ୍ରଥମେ ସେ ଅନୁଭବ କଲା କ୍ଷୁଧା । କେତେ ଯୁଗ ଯେପରି ସେ ଅନାହାର

ଅଭ୍ୟସ୍ତ ହୋଇ ରହିଛି । ଘର ଭିତରେ ପ୍ରବେଶ କରିବା ମାତ୍ରେ ରୁଗଣା ସ୍ତ୍ରୀ ଜଡ଼ିତ କଣ୍ଠରେ ଭର୍ତ୍ସନା କଲା ତାଙ୍କୁ । ସାନ୍ତ୍ୱନା ଦେବା ଉଦ୍ଦେଶ୍ୟରେ ସେ କହିଲେ—ଏତେ କାହିଁ ଭାବନା ରୁକ୍ମଣୀ । ଭଗବାନ ଏଥର ଆଖି ଖୋଲିଛନ୍ତି । ନିଶ୍ଚୟ ତୁମକୁ ମୁଁ ସୁସ୍ଥ କରାଇବି । ବଡ଼ ବଡ଼ ଡାକ୍ତର ଆଣି ପରୀକ୍ଷା କରାଇବି । ତୁମେ ନିଶ୍ଚୟ ଭଲ ହୋଇଯିବ । ସ୍ୱାସ୍ଥ୍ୟର ପରିବର୍ତ୍ତନ ଲାଗି ସଞ୍ଜୁକୁ ନେଇ ଆମେ ଯିବା କାଶ୍ମୀର, ମଣ୍ଟିକାର୍ଲୋ, ଭେନିସ୍, କାଲିଫୋର୍ଣ୍ଣିଆ ।

ମ୍ଳାନ ହସ ହସିଲା ରୁକ୍ମଣୀ । ଅବିଶ୍ୱାସର ହସ । ବିନୋଦ ତାହା ବୁଝିପାରି ଜରାଜୀର୍ଣ୍ଣ ହାତଟିକୁ ଟିକେ ଉଠାଇ ନେଇ ନିଜର ହାତ ମୁଠାରେ ଚାପି ଧରି ଆବେଗପୂର୍ଣ୍ଣ କଣ୍ଠରେ କହିଲା—ମୁଁ ଜାଣେ ରୁକ୍ମଣୀ, ତୁମେ ମୋର କଥା ଉପରେ ଭରସା ରଖିପାରୁନା । କିନ୍ତୁ ସତ କହୁଛି, ଅର୍ଥର ଅଭାବ ଏଣିକି ଆଉ ଆମେ ଅନୁଭବ କରିବା ନାହିଁ । ଭଗବାନ ଆମ ପ୍ରତି ସଦୟ ହୋଇଛନ୍ତି । ଏପରି ଗୋଟିଏ ଚିତ୍ର ଆଜି ମୁଁ ପ୍ରଦର୍ଶନୀକୁ ପଠାଇଛି ଯେ ଦର୍ଶକମାନେ ଦେଖି ମୁଗ୍ଧ ହେବେ । ଚିତ୍ରଟିର ମୂଲ୍ୟ କେତେ ରଖିଛି ଜାଣ ରୁକ୍ମଣୀ ? ତିନି ହଜାର । କିନ୍ତୁ ମୋର ପରିକଳ୍ପନା ଅନୁପାତରେ ଏ ମୂଲ୍ୟ କିଛି ନୁହେଁ । ଗୁଣୀ ବ୍ୟକ୍ତି ଚିତ୍ରଟିକୁ ଠିକ୍ ପସନ୍ଦ କରିବେ ।

ବିନୋଦର ଏପରି ଆଶା ସଫଳ ହୋଇଥିଲା ।

କିନ୍ତୁ ରୁକ୍ମଣୀ ସେହି ଶୁଭ ସମ୍ବାଦ ଶୁଣିବା ପୂର୍ବରୁ ସ୍ୱାମୀ ଓ କନ୍ୟାକୁ ଛାଡ଼ି ଚାଲି ଯାଇଥିଲା ଅଦୃଶ୍ୟ ପୃଥିବୀକୁ । ସମ୍ମାନ-ପତ୍ର ସହିତ ତିନି ହଜାର ଟଙ୍କାର ଚେକ୍ ଖଣ୍ଡି ବିନୋଦ ଯେଉଁ ଦିନ ପାଇଲା ସେତେବେଳେ ଜ୍ଞାତି ଭାଇମାନେ ମୃତା ରୁକ୍ମଣୀକୁ ଦାହ କରିବା ଲାଗି ଶ୍ମଶାନକୁ ନେବାକୁ ବସିଛନ୍ତି । ଏହି ହରଷ-ବିଷାଦ ମୁହୂର୍ତ୍ତରେ ଅବୋଧ ଶିଶୁଟି ଆଡ଼େ ଚାହିଁ ବିନୋଦ ଭବିଷ୍ୟତ ଠିକ୍ କରି

ନେଲା । ରୁକ୍ମଣୀର ଏକାନ୍ତ ଆଶା ଝିଅଟି କିପରି ପାଠଶାଠ ପଢ଼ି ଅନ୍ୟ ପାଞ୍ଚଜଣ ଝିଅ ପରି ସମାଜରେ ସୁପ୍ରତିଷ୍ଠିତ ହେବ ରୁକ୍ମଣୀର ବିଦେହୀ ଆତ୍ମା ଆଗରେ ତୁଚ୍ଛା ହୋଇ ବିନୋଦ ତାହା ପୂର୍ଣ୍ଣ କରିବ ବୋଲି ପ୍ରତିଜ୍ଞା କଲା ।

ଦିନ ଯାଏ, ବର୍ଷ ଯାଏ, ବିନୋଦର ଚିତ୍ରଶାଳା ଇଜଲ୍ ଉପରେ ଆଉ ଗୋଟିଏ ମୂର୍ତ୍ତିର ସ୍କେଚ ଟଣା ହୁଏ । ସେହି ଚିତ୍ରଶାଳାରେ ଦିବା ରାତ୍ର ବସି କାର୍ଯ୍ୟ କରୁଥାଏ ବିନୋଦ । ସେ ବର୍ତ୍ତମାନ ଏକାକୀ—ସଂଯୁକ୍ତା ସ୍କୁଲ ହଷ୍ଟେଲରେ । ସେଇଠି ରହି ପାଠ ପଢ଼ିବାର ବନ୍ଦୋବସ୍ତ ସେ କରି ସାରିଛି । ମଝିରେ ମଝିରେ ଖବର ନିଏ—ଯେତେବେଳେ ଯାହା ଦରକାର ପଠାଇ ଦିଏ ଭୃତ୍ୟ ଇତ୍ୟାଦିଙ୍କ ହାତରେ !

ଅନାଦି ତାର ଏକମାତ୍ର ସହାୟ—ତାର ସହକାରୀ ।

ଇଜଲ୍ ଉପରେ ଯେଉଁ ସ୍କେଚ୍ ଟଣା ହୋଇଥିଲା, ଦିନେ ତାହା ମୂର୍ତ୍ତିମନ୍ତ ହୋଇ ଉଠିଲା । ଓଃ, କି ଭୟଙ୍କର ସେ ମୂର୍ତ୍ତି ! ଯେପରି ସମ୍ମୁଖରେ ଭୂତ ଦେଖି ଲୋକଟି ଭୟରେ ମୂର୍ଚ୍ଛା ଯିବାକୁ ବସିଛି ! ଆଖି ଦୁଇଟିର ଡୋଳା ଫାଟି ବାହାରକୁ ବାହାରି ଆସିବା ଲାଗି ଉପକ୍ରମ କରୁଛି । ଦେହର ଅସ୍ଥିଗୁଡ଼ିକ ବଙ୍କା ହୋଇ ଆସୁଛି ଧନୁଷ୍ଟଙ୍କାର ରୋଗୀ ପରି···ହାତ ଗୋଡର ଶକ୍ତି ସମ୍ପୂର୍ଣ୍ଣ ଲୁପ୍ତ । ଏ ପାଖରେ କଙ୍କାଳମୟ ଏକ ବିରାଟ ପୁରୁଷ ଅସ୍ଥିସାର ଦୀର୍ଘ କର-ପଲ୍ଲବ ବଢ଼ାଇ ଭୟାତୁର ଲୋକଟିର ଗ୍ରୀବା ବେଷ୍ଟନ ଲାଗି ଧାବିତ ହେଉଛି ।

ଫିନିସିଂ ଟଚ୍ ଦେବା ପରେ ବିନୋଦ ଠିଆ ହୋଇ ଚିତ୍ରଟି ଆଡେ ପରିପୂର୍ଣ୍ଣ ଦୃଷ୍ଟି ବୁଲାଇ ଆଣିଲା । ନିଜେ ବୋଧହୁଏ ନିଜର ଶିଳ୍ପ ପ୍ରତିଭା ଦେଖି ଭୟ ପାଉଥିଲା । ପକେଟରୁ ରୁମାଲ ବାହାର କରି ଭୟରେ ଆଖି ଦୁଇଟି ଉପରେ ଚାପି ଧରିଲା

କେତୋଟି ମୁହୂର୍ତ୍ତ—ତାପରେ ପଳାଇ ଆସିଥିଲା ବାହାରକୁ । କଳ ପାଖକୁ ଆସି ମୁହଁ ହାତ ଭଲ ଭାବେ ଧୋଇ ଆଉ ଥରେ ଚାହିଁଲା ଚିତ୍ରଟି ଆଡ଼େ ।

ନା, ଭୟ ସେ କରିବ କାହାକୁ ? ଏହାତ ଗୋଟାଏ ଚିତ୍ର··· ତାର ନିଜ ହାତରେ ତିଆରି ମୂକ ଚିତ୍ର । ଭୟ ସେ କରିବ କାହିଁକି ? ଯେତେ ଭୟଙ୍କର, କୁତ୍ସିତ ହେଉନା କାହିଁକି, ସେ ତ ଆଉ ତାର ଗଳା ଚିପିବାକୁ ଆଗେଇବ ନାହିଁ ?

ନିଦାରୁଣ ପୈଶାଚିକ ହସ ହସିଲା ବିନୋଦ । ଘରର ପ୍ରତ୍ୟେକ ଶିଳାଣ ଉପରେ ହସର ବେଗ ପ୍ରତିଧ୍ୱନିତ ହୋଇ ଉଠିଲା । ହଠାତ୍ ଘର ଭିତରକୁ ଆସିଲା ଅନାଦି । କିଛି ବୁଝି ନପାରି ଥମକି ଛିଡ଼ା ହୋଇଗଲା ଅର୍ଦ୍ଧୋନ୍ମୁକ୍ତ କବାଟକୁ ଧରି । ଗୋଟାଏ ଭୀତିପୂର୍ଣ୍ଣ କମ୍ପନ ଖେଳିଗଲା ତଳିପାରୁ ତାଳୁ ପର୍ଯ୍ୟନ୍ତ ।

ମୁହୂର୍ତ୍ତକ ଭିତରେ ନିଜକୁ ସମ୍ଭାଳି ନେଇ ପ୍ରକୃତିସ୍ଥ ହେଲା ବିନୋଦ । ଦୁଆର ଆଡ଼େ ଚାହିଁ ଅନାଦିର ମୁହ୍ୟମାନ ଅବସ୍ଥା ଦେଖି ସେ ବୁଝି ପାରିଲା, ଅନାଦି ଅଚେତନ ହେବା ପାଇଁ ଆଉ ଡ଼େରି ନାହିଁ । କ୍ଷିପ୍ର ପଦରେ ଆଗେଇ ଆସି ଅନାଦିକୁ ଶକ୍ତ ଭାବେ ଧରି ଚେୟାରଟିରେ ଆଣି ବସାଇ ଦେଲା । ପଙ୍ଖାଟିକୁ ଅନ୍ କରି ଦେଇ ଟେବୁଲ ଉପରେ ଥିବା ପାଣି ଭର୍ତ୍ତି ଗ୍ଲାସରେ ଆଉନ୍‌ସେ ବ୍ରାଣ୍ଡି ମିଶାଇ ପାଟିରେ ଢ଼ାଳି ଦେବା ମାତ୍ରେ ଅନାଦି କେତେକ ପରିମାଣରେ ସ୍ୱସ୍ଥତା ବୋଧ କଲା ପରି ମନେ ହେଲା । ବିନୋଦର ଦୃଷ୍ଟି ଖୋଳିଗଲା ଥରେ ଚିତ୍ର ଆଡ଼େ । ତାପରେ ଅନାଦି ଉପରେ ।

ଦୀର୍ଘ ନୀରବତା ଘରଟି ଭିତରେ ।

କେବଳ କାନ୍ଥ ଘଣ୍ଟାଟି ଶବ୍ଦ କରି ଚାଲିଥାଏ ।

ଅନାଦିର ଦୃଷ୍ଟି ଆକର୍ଷଣ କରାଇବା ଲାଗି ବିନୋଦ ଥରେ ଦୁଇଥର ଶବ୍ଦ କରି କାଶିଲା । ଅନାଦି ଏଥର ମୁହଁ ବୁଲାଇ ଚାହିଁଲା ବିନୋଦ ଆଡ଼େ । ବିନୋଦ ସାଫଲ୍ୟତାର ହସି ତାର ପିଠି ଆସ୍ତେଇବାକୁ ଲାଗିଲା । କାନ ପାଖରେ ମୁହଁ ରଖି ଅତି ମୃଦୁ ସ୍ୱରରେ ପ୍ରଶ୍ନ କଲା—ମାଲ୍ କେଉଁଠି ରଖି ଆସିଲୁ ?

ଅନାଦି ମଧ୍ୟ ହସିଲା । ଯାନ୍ତ୍ରିକ ହସ । କହିଲା—ନଈକୂଳରେ । କେହି ନଥିଲେ, ବେଞ୍ଚି ଉପରେ ଶୁଆଇ ଦେଇ ଚାଲି ଆସିଲି ।

ରାଜୁ ଟେକ୍ସାବାଲା ସେତିକରେ ସନ୍ତୁଷ୍ଟ ହୋଇଛି ତ ?

ସେ କଥା ଆଉ ପଚାରିବାକୁ ଅଛି ? ସେ ଏଥର ବରାବର ଆମର କାମ କରିବ ବୋଲି ରାଜି ହୋଇଛି ।

ଅନାଦି ଉଠି ଆଉ ଘରକୁ ଯିବାକୁ ବସିଥିଲା, ବିନୋଦ ମୃଦୁ ସ୍ୱରରେ ଡାକ କହିଲା—ଅନାଦି !

ଅନାଦି ଫେରି ଚାହିଁ ଅଧାବାଟରେ ଠିଆ ହୋଇଗଲା । ବିନୋଦ ସଙ୍ଗେ ସଙ୍ଗେ ପକେଟରୁ ପର୍ସ ବାହାର କରି କେତେ ଖଣ୍ଡ ଦଶ ଟଙ୍କିଆ ନୋଟ ଅନାଦି ହାତକୁ ବଢ଼ାଇ ଦେଇ ଦେଉ କହିଲା, ଏ ଟଙ୍କାତକ କାଲି ଘରକୁ ପଠାଇଦେ । ଆଉ ଦରକାର ହେଲେ କହିବୁ ।

ନୋଟଗୁଡ଼ିକ ନ ଗଣି ଫତୁଆ ପକେଟରେ ରଖିଦେଲା ଅନାଦି ।

ଆଉ ଶୁଣ···

ଯାଉ ଯାଉ ପୁଣି ଫେରି ପଡ଼ିଲା ଅନାଦି । ଜିଜ୍ଞାସୁ ଦୃଷ୍ଟିରେ ଚାହିଁଲା ବିନୋଦ ଆଡ଼େ ।

ବିନୋଦ କୁଣ୍ଠିତ ସ୍ୱରରେ କହିଲା—କାଲି ଟିକିଏ ବେଳା-ବେଳି ଉଠିବୁ । ଆଜି ମୁଁ ସବୁ ଠିକ ଠାକ୍ କରି ରଖୁଛି, ଛବିଟାକୁ କାଲି ଯେମିତି ହେଉ ପ୍ରଦର୍ଶନୀ ଅଫିସରେ ନେଇ ପହଞ୍ଚାଇ ଦେଇ ରସିଦ ନେଇ ଆସିବୁ ।

ଅନାଦି ସମ୍ମତି ଜଣାଇ ଚାଲିଗଲା ।

ତା' ପରଦିନ ଯଥାସମୟରେ ଶିଳ୍ପୀ ବିନୋଦ ଦାସର "ଅମର ମୃତ୍ୟୁ" ନାମଧେୟ ଚିତ୍ରଟି ପ୍ରଦର୍ଶନୀ ଅଫିସରେ ପହଞ୍ଚିଥିଲା ।

ଯଥା ସମୟରେ ସମ୍ବାଦ ମଧ୍ୟ ପହଞ୍ଚିଗଲା ଲାଲବାଗ ଥାନାରେ ।

ଅଫିସର ଇନ୍‌ଚାର୍ଜ ମଦନବାବୁ ସକାଳୁ ଗୋଟାଏ ଜରୁରୀ ତଦନ୍ତରେ ବାହାରି ନଅଟା ବେଳେ ଥାନାକୁ ଫେରି ନିଜର ଅଫିସ ରୁମ୍‌ରେ ବସି ପାଣିଗ୍ଲାସଟିକୁ ମୁହଁ ପାଖକୁ ନେଉଥିଲେ, ସବ୍ ଇନସ୍-ପେକ୍ଟର ବିକାଶ ରାୟ ସସବ୍ୟସ୍ତରେ ଘରଭିତରକୁ ଆସି ଚେୟାର ଖଣ୍ଡିକରେ ବସି ପଡ଼ି ରୁମାଲରେ ମୁହଁ ପୋଛିବାକୁ ଲାଗିଲେ ।

କଣ ହୋଇଛି ମିଃ ରାୟ ? ଆପଣ ବଡ଼ ଉତ୍ତେଜିତ ହୋଇଛନ୍ତି ବୋଲି ମନେ ହେଉଛି । କୁଆଡ଼ୁ ଫେରିଲେ ? ପାଣି ନିଃଶେଷିତ ଖାଲି ଗିଲାସଟିକୁ ଟେବୁଲ ଉପରେ ରଖି ଦେଇ ପଚାରିଲେ ମଦନବାବୁ ।

ପ୍ରକାଶବାବୁ ସେ କଥାର କୌଣସି ଉତ୍ତର ନ ଦେଇ ଦୀର୍ଘଶ୍ୱାସ ଛାଡ଼ି କହିଲେ—ଓଃ, କି ଭୟଙ୍କର ମୃତ୍ୟୁ !

ମୃତ୍ୟୁ···ଚମକି ପଡ଼ିଲେ ମଦନବାବୁ ।

ହଁ ସାର୍ ! ଆପଣ ନିଜ ଆଖିରେ ନ ଦେଖିଲେ ବିଶ୍ୱାସ କରି ପାରିବେ ନାହିଁ । ମୃତ୍ୟୁ ଯନ୍ତ୍ରଣା ଯେ କି ଭୟଙ୍କର ଯନ୍ତ୍ରଣା ତାହା ଆମେ ଜୀବିତ ବ୍ୟକ୍ତି କିପରି ଭାବେ ଅନୁଭବ କରି ପାରିବା ? କି ବିଭତ୍ସ ସେ ଦୃଶ୍ୟ !

ମଦନବାବୁଙ୍କର ଭ୍ରୂ ଦୁଇଟି କୁଞ୍ଚିତ ହୋଇ ଆସିଲା । କହିଲେ—ଆପଣ କଣ ଉପନ୍ୟାସ ଲେଖା ଆରମ୍ଭ କରୁଛନ୍ତି ପ୍ରକାଶବାବୁ ?

ନା ସାର୍, ଏହା ଉପନ୍ୟାସର କଥା ନୁହେଁ, ନିଜ ଆଖିର ଦେଖା । ଯେ କେହି ଦେଖିଲେ ଭୟ କରିବ ।

କାହା କଥା ଆପଣ କହୁଛନ୍ତି ପ୍ରକାଶବାବୁ !···ମନେହେଲା ପ୍ରକାଶବାବୁଙ୍କ କଥାରେ ଯେପରି ଗୁରୁତ୍ୱ ଆରୋପ କରିଛନ୍ତି ମଦନବାବୁ ।

ପ୍ରକାଶବାବୁ ଚେୟାର ଉପରେ ଭଲ ଭାବେ ବସି କହିଲେ, ଆପଣ ଥାନାରୁ ବାହାରି ଯିବା ପରେ କନେଷ୍ଟବଲ ରାମଦୟାଲ ସିଂ ଆସି ପହଞ୍ଚିଲା । ନାଇଟ ଡ୍ୟୁଟି ଶେଷ କରି ନଦୀକୂଳ ବାଟେ ଫେରୁ ଫେରୁ ବେଞ୍ଚ ଉପରେ ଜଣେ ଲୋକକୁ ମୁହଁ ମାଡ଼ି ଶୋଇ ଥିବା ଦେଖି ପାରିଲା । ମାତାଲ ମନେ କରି ସେ ତାକୁ ଉଠାଇବା ଉଦ୍ଦେଶ୍ୟରେ ରୁଲବାଡ଼ିରେ କେଞ୍ଚାକେଞ୍ଚି କଲା, କିନ୍ତୁ ଲୋକଟି କୌଣସି ପ୍ରକାରେ ନ ଉଠିବାରୁ ତା ମନରେ ଗଭୀର ସନ୍ଦେହ ହେବାରୁ ସେ ପରୀକ୍ଷା କରି ଜାଣି ପାରିଲା ଲୋକଟି ମୃତ । ଲାସ୍ ଛାଡ଼ି ଏଠାକୁ ଆସିବା ଉଚିତ ନୁହେଁ ବୋଲି ଭାବି ନିକଟରେ ଥିବା

ଜଣେ ବାବୁଙ୍କ ଘରୁ ମୋତେ ଫୋନରେ ସବୁ କଥା ଜଣାଇଦେଲା । ମୁଁ ସଙ୍ଗେ ସଙ୍ଗେ ଘଟଣା ସ୍ଥଳରେ ପହଂଚି ଯାହା ଦେଖିଲି, ଓଃ, ମୃତ୍ୟୁ ପୂର୍ବରୁ ମନୁଷ୍ୟର ମୁହଁ ଏପରି ଭୟଙ୍କର ଦେଖାଯାଏ ଏହା ମୋର ଧାରଣା ନଥିଲା ।

ମଦନବାବୁ ଲକ୍ଷ୍ୟ କଲେ ପ୍ରକାଶବାବୁଙ୍କ ମନରୁ ମୃତ୍ୟୁର ବିଭତ୍ସ ଦୃଶ୍ୟ ମ୍ଳାନ ହୋଇନାହିଁ । ସର୍ବାଙ୍ଗର ଲୋମକୂପ କଣ୍ଟା ପରି ଉପରକୁ ଫୁଟିଛି, କଇଁଲଗୁମ୍ଫା ପ୍ରତିଫଳିତ ହେଉଛି ସନ୍ଧାନୀ ଆଖି ଡୋଳା ଦୁଇଟିରେ । ଶାନ୍ତ କଣ୍ଠରେ ପଚାରିଲେ—ବେଶ୍, ଡେଥ୍ କଣ ନାଚ୍ୟୁରାଲ ବୋଲି ମନେ ହେଲା ଆପଣଙ୍କର ?

ମୋତେ ନୁହେଁ, ନାଚୁରାଲ ଡେଥ ନୁହେଁ ଏହା ମୁଁ ହଲପ୍ କରି କହିପାରେ । ସାଙ୍ଗେ ସାଙ୍ଗେ ଡାକ୍ତର ରମେଶ ଚୌଧୁରୀଙ୍କୁ ଆସିବା ଲାଗି ଫୋନରେ ଅନୁରୋଧ କଲି । ଡାକ୍ତର ଚୌଧୁରୀ ଆସିଲା ବେଳକୁ ଲୋକମାନେ ଆସି ଜମା ହୋଇ ଯାଇଥିଲେ, କିନ୍ତୁ ମୃତ ବ୍ୟକ୍ତିଟିକୁ କେହି ସନାକ୍ତ କରି ପାରୁନଥିଲେ ନାହିଁ ।

ସ୍ତବ୍ଧତା ନଇଁ ଆସିଲା ଘରଟି ଭିତରେ । ମଦନବାବୁ ପେନ୍‌ସିଲଟିକୁ ଦାନ୍ତରେ କାମୁଡ଼ି ଗମ୍ଭୀର ଚିନ୍ତାରେ ମଗ୍ନ ହୋଇ-ଗଲେ । ପ୍ରକାଶବାବୁ ଏକଧ୍ୟାନରେ ଚାହିଁଥାନ୍ତି ଭାବମଗ୍ନ ମଦନ ବାବୁଙ୍କୁ ।

ଥାନାର ପିଟା ଘଣ୍ଟାରେ ଦଶଟା ବାଜିବା ଶବ୍ଦରେ ଉଭୟଙ୍କର ଚେତନା ଫେରି ଆସିଲା ଯେପରି । ମଦନବାବୁ ଟେବୁଲର ଡ୍ରୟର ଭିତରୁ କ୍ୟାଭେଣ୍ଡର ପ୍ୟାକେଟଟିକୁ ବାହାର କରି ନିଜେ ଗୋଟିଏ ଅଗ୍ନି ସଂଯୋଗ କରି ପ୍ୟାକେଟଟିକୁ ପ୍ରକାଶ ବାବୁଙ୍କ ଆଡେ ବଢାଇ ଦେଲେ । ପ୍ରକାଶବାବୁ ସ୍ପର୍ଶ କଲେ ନାହିଁ କିମ୍ବା ଲକ୍ଷ୍ୟ କଲେ ନାହିଁ ସିଗାରେଟ ପ୍ୟାକେଟଟିକୁ ।

ସିଗାରେଟର ଧୂଆଁ ଝରକାବାଟେ ଗୁଡ଼ି ମଦନବାବୁ ପଚାରିଲେ—ଡାକ୍ତର ଚୌଧୁରୀ ମୃତ ବ୍ୟକ୍ତି ସମ୍ବନ୍ଧରେ ମତାମତ କଣ ଦେଇଛନ୍ତି ?

ପ୍ରକାଶବାବୁ ନିସ୍ପୃହ କଣ୍ଠରେ କହିଲେ—ତାଙ୍କ ମତରେ ଅନନ୍ୟାଚୁରାଲ ଡେଥ୍, ସୁଇସାଇଡ଼୍ ନୁହେଁ—ହୋମି ସାଇଡ଼୍ । ପ୍ରାୟ ୧୨ ଘଣ୍ଟା ତଳେ ଲୋକଟିକୁ ହତ୍ୟା କରାହୋଇଛି ।

ହତ୍ୟାର ଉଦ୍ଦେଶ୍ୟ କିଛି ଜାଣି ପାରିଛନ୍ତି କି ? ଆଇ ମିନ, ମୃତ ବ୍ୟକ୍ତି ନିକଟରେ ଏପରି କୌଣସି ମୂଲ୍ୟବାନ ବସ୍ତୁ ଥିଲା ଯାହା ହସ୍ତଗତ କରିବା ପାଇଁ ହତ୍ୟାକାରୀ —

ବାଧା ଦେଇ ପ୍ରକାଶବାବୁ କହିଲେ—ନା । ହତ୍ୟାକାରୀ ମୃତ ବ୍ୟକ୍ତିର କୌଣସି ବସ୍ତୁ ସ୍ପର୍ଶ କରି ନାହିଁ । ରିଷ୍ଟ ୱାଚ, ପାରକର ପେନ୍, ସୁନାର ଚେନ ବୋତାମ, ଅନାମିକାର ଅଙ୍ଗୁରୀୟ ଓ ପର୍ସ ଭିତରେ ଦଶ ଟଙ୍କିଆ ତିନି ଖଣ୍ଡ ନୋଟ ଓ କିଛି ରେଜା ସବୁଗୁଡ଼ିକ ମୁଁ ସିଜ୍ କରିଛି ।

ଆଇ-ସି···

ପୁନର୍ବାର କିଛି ସମୟ ପାଇଁ ସ୍ତବ୍ଧତା ଘରଟି ଭିତରେ । ସିଲିଂ ପଙ୍ଖାର ଘୂର୍ଣ୍ଣାୟମାନ ଯାନ୍ତ୍ରିକ ଶବ୍ଦ ବ୍ୟତୀତ ଆଉ କିଛି ଶୁଣାଯାଉ ନଥାଏ ।

ହଠାତ୍ ଯେପରି କଥାଟି ମନେ ପଡ଼ିଗଲା ମଦନବାବୁଙ୍କର । କହିଲେ—ଲସ୍ ବର୍ତ୍ତମାନ କେଉଁଠି ?—

ଡାକ୍ତର ଚୌଧୁରୀ ଆମ୍ବୁଲାନ୍ସରେ ହସପାତାଳକୁ ନେଇ ଯାଇଛନ୍ତି । ଦୁଇ ଘଣ୍ଟା ଭିତରେ ପୋଷ୍ଟମର୍ଟମ୍ ରିପୋର୍ଟ ପଠାଇବେ ବୋଲି କହିଛନ୍ତି । କହିଲେ ପ୍ରକାଶବାବୁ ।

ମୋର ମନେହୁଏ ମୃତବ୍ୟକ୍ତିର କୌଣସି ଆତ୍ମୀୟସ୍ୱଜନ ସମ୍ପତ୍ତି ଲୋଭରେ ହତ୍ୟା କରିଛନ୍ତି । ଲୋକଟି ନିଶ୍ଚୟ ସୌଖୀନ, ତା ନହେଲେ ସଜବାଜ ହୋଇ ରାତିରେ ନଈକୂଳକୁ ଆସନ୍ତେ କାହିଁକି ? ଆଜି ନହେଉ, ଆମେ ନିଶ୍ଚୟ ଲୋକଟିର ପରିଚୟ ଦିନେ ଦୁଇ ଦିନ ଭିତରେ ଜାଣି ପାରିବା । କିନ୍ତୁ ତା ପୂର୍ବରୁ ପୋଷ୍ଟମର୍ଟମ ରିପୋର୍ଟଟି ଆମର ହସ୍ତଗତ ହେବା ଉଚିତ ।

ହାତ ଘଡ଼ି ଆଡ଼େ ଗୁହିଁଲେ ବିକାଶବାବୁ । ଏଗାରଟା ବାଜିବାକୁ ଆଉ ତିନି ମିନିଟ ବାକି । କହିଲେ—ଆଉ ବୋଧହୁଏ ବେଶୀ ସମୟ ଅପେକ୍ଷା କରିବାକୁ ପଡ଼ିବ ନାହିଁ । ରିପୋର୍ଟ ବୋଧହୁଏ ବର୍ତ୍ତମାନ ଆସି ପହଞ୍ଚିବ ।

ବିକାଶବାବୁଙ୍କର କଥା ଶେଷ ହେବା ପୂର୍ବରୁ ଦରଓ୍ୱାନ ଅଫିସ ଘରେ ପ୍ରବେଶ କରି ଖଣ୍ଡିଏ ମୁଦ୍ରିତ ଲଫାପା ବିକାଶବାବୁଙ୍କ ହାତକୁ ବଢ଼ାଇ ଦେଲା । ଫୁଟେ ଲମ୍ବ ଓ ତିନି ଇଞ୍ଚ ଚଉଡ଼ା ଅବଲଙ୍ଗ୍ ସାଇଜର ଲଫାପାଟିକୁ ଖୋଲି ରେଡ୍‌କ୍ରସ ଶିରୋନାମା ଅଙ୍କିତ ଟାଇପ୍ ହୋଇଥିବା ସାଦା କାଗଜ ଖଣ୍ଡିକ ଭିତରୁ ବାହାର କରି ପଢ଼ିଲେ ବିକାଶବାବୁ—ଯେଉଁ ଲେଖାର ଓଡ଼ିଆ ତର୍ଜମା ହେଉଛି—ସର୍ପ ଗରଳ କେହି ଇନ୍‌ଜେକ୍ଟ କରି ଲୋକଟିକୁ ହତ୍ୟା କରିଛି—ହତ୍ୟାର ସମୟ ଗତ ଦିନର ସନ୍ଧ୍ୟା ୮ଟାରୁ ୮।୩୦ ମଧ୍ୟରେ । ତଳେ ଡାକ୍ତର ରମେଶ ଚୌଧୁରୀଙ୍କର ଗ୍ରେଟ ଗ୍ରେଟ ହେ'ଇ ସ୍ୱାକ୍ଷର ଓ ତାରିଖ ।

ଚିଠି ଖଣ୍ଡିକ ମଦନବାବୁଙ୍କ ହାତକୁ ବଢ଼ାଇ ଦେଲେ ବିକାଶବାବୁ ।

ନୃଶଂସତାର ସ୍ୱାକ୍ଷର ବହନ କରିଛି ଶିଠି ଖଣ୍ଡିକ ! ସଭ୍ୟ ଜଗତର କୌଣସି ବ୍ୟକ୍ତି ତାହା କରିବାକୁ କେବେ ଇଚ୍ଛା କରିବେ ନାହିଁ, ଏଇ ବ୍ୟକ୍ତିଟି ପ୍ରତି ତାହା କରାଯାଇଛି । ଅମାନୁଷିକତାର ଚରମ ନିଦର୍ଶନ ଏହି "ସର୍ପ ଗରଳ" । ନିଷ୍ଠୁରତାର ଗୋଟାଏ ସୀମା ଅଛି । ଆଜି ଏ କ୍ଷେତ୍ରରେ···

ନା, ଏ ରହସ୍ୟ ସେମାନେ ଉଦ୍‌ଘାଟନ କରିବେ ।

କିନ୍ତୁ ଉଦ୍‌ଘାଟନ କି କରି ପାରିଲେ ?

ମଦନବାବୁ ଓ ବିକାଶବାବୁଙ୍କର ଚେଷ୍ଟାର ଅନ୍ତ ନଥିଲା, କିନ୍ତୁ କାଳସ୍ୟ ପରିବେଦନା । ମୃତ୍ୟୁ ସଂଖ୍ୟା ଏକରୁ ଏକାଧିକ ହେଲା । ବିଭିନ୍ନ ଥାନାରୁ ସମ୍ବାଦ ଆସିଲା, "ସର୍ପ ଗରଳ"ର କରାମତି । ବିଚିତ୍ର ଏକତିକ,—ଧନୀ, ଦରିଦ୍ର, ସୁନ୍ଦର, କୁତ୍ସିତ ଜାତି ଧର୍ମ ନିର୍ବିଶେଷରେ ଏହି ହତ୍ୟା ସମ୍ପାଦିତ ହେଉଛି ।

ଘଟଣା ପରେ ଘଟଣାର ଅବତାରଣା ।

ଏ ପର୍ଯ୍ୟନ୍ତ ତିନୋଟି ହତ୍ୟା ରହସ୍ୟର ସମ୍ବାଦ ଆସିଛି ଥାନାକୁ । ସମ୍ବାଦ ପତ୍ରରେ ପ୍ରକାଶ ପାଇଛି ପୁଲିଶର ଅକର୍ମଣ୍ୟତାର ମୁଖରୋଚକ ବିବରଣୀ । ତେରଟି ମୃତ ଦେହର ପୋଷ୍ଟମର୍ଟମ ରିପୋର୍ଟ ଦେଇଛନ୍ତି ଡାକ୍ତର ଚୌଧୁରୀ ।

"ସର୍ପ ଗରଳ" ଇନ୍‌ଜେକ୍ଟ କରାହୋଇଛି ପ୍ରତ୍ୟେକ କ୍ଷେତ୍ରରେ ।

୧୩ ଜଣ ନିର୍ଦ୍ଦୋଷ ବ୍ୟକ୍ତି ଅକାଳରେ ମହାକାଳର ଅତିଥି ହୋଇଛନ୍ତି ।

ଲାଲବାଗ ଅଫିସର ଇନଚାର୍ଜ ମଦନବାବୁ ଓ ସହକାରୀ ବିକାଶ ବାବୁଙ୍କର ଆହାର ନିଦ୍ରା ଅନ୍ତର୍ହିତ ହୋଇଛି । ଏଇ ବୋଧହୁଏ ଆଉ ଗୋଟିଏ ମୃତ୍ୟୁ ସମ୍ବାଦ ଆସି ପହଞ୍ଚିବ ବୋଲି ଆଶଙ୍କା କରୁଛନ୍ତି ସେମାନେ ।

ସର୍ବତ୍ର ବ୍ୟାପିଛି କୋକୁଆ ଭୟ ।

ବିନୋଦ ନନ୍ଦିନୀ ସଂଯୁକ୍ତାର ଆଜି ଜନ୍ମଦିନ । ୧୫ଟି ବସନ୍ତ ଅତିକ୍ରମ କରି ପଞ୍ଚଦଶୀ ସଂଯୁକ୍ତା ନବବର୍ଷର ଶୁଭାଶୀଷ ନେବା ଲାଗି ପିତୃ ଆହ୍ୱାନରେ କଲେଜ ହଷ୍ଟେଲରୁ ଆସି ପହଞ୍ଚିଛି ଆଜି ସକାଳେ । ଆଜି ଆଉ ସଂଯୁକ୍ତାକୁ ସହଜରେ ଚିହ୍ନି ହୁଏନା । ଛୋଟ ପିଲାଟି ପରି ସେ ଆଉ ଏଘର ସେଘର ହେଉନାହିଁ ।

ନବ ବସନ୍ତର ସମସ୍ତ ପ୍ରଭାବ ଆସି ପଡ଼ିଛି ତା'ର ଶ୍ୱେତଶୁଭ୍ର ଶରୀରଟି ଉପରେ । ଅପରୂପା ସଂଯୁକ୍ତା ଅପରୂପ ସାଜସଜ୍ଜାରେ ଇନ୍ଦ୍ରାଣୀ ପରି ଦେଖା ଯାଉଥାଏ । ଗଳାର ସୁଦୃଶ୍ୟ ନେକ୍‌ଲେସରେ ଦୋଦୁଲ୍ୟମାନ ପେନ୍‌ଡେଣ୍ଟ; କାନ ଦୁଇଟିରେ କର୍ଣ୍ଣଫୁଲ - ଫୁଲ ଦୁଇଟିର ମଧ୍ୟ ସ୍ଥଳରେ ଅତ୍ୟୁଜ୍ଜ୍ୱଳ ଦୁଇଟି ମୁକ୍ତା । ମୁକ୍ତା ଉପରେ ଆଲୋକର ସ୍ପର୍ଶ ଲାଗିବା ମାତ୍ରେ ଅପର ଅଂଶଟିରେ ଆଲୋକର

ପ୍ରତିଫଳନ ହେଉଥାଏ । ଶଙ୍ଖଶୁଭ୍ର ମଣିବନ୍ଧରେ ରୂପପଠ ଲେଖାଏଁ ସ୍ୱର୍ଣ୍ଣଚୂଡ଼ି ।

ବାସନ୍ତୀ ରଙ୍ଗର ଲୁଗା ଉପରେ ଗୋଲାପୀ ରଙ୍ଗର ହାତକଟା ବ୍ଲାଉଜ୍ । ଶାଢ଼ୀର ଅଞ୍ଚଳ ବେକ ଉପରକୁ ଦେଇ ପଛଆଡ଼କୁ ଅଂସ ବା ସନ୍ଧିସ୍ଥଳରେ ସ୍ୱର୍ଣ୍ଣ ନିର୍ମିତ ଗୋଟାଏ ବ୍ରୋଚ୍ । ବ୍ରୋଚ୍ ଉପରେ ବାଇଗଣୀ ରଙ୍ଗର ଗୋଟିଏ ଡ୍ରାଗନ ମୂର୍ତ୍ତି । ଡ୍ରାଗନର ଚକ୍ଷୁ ଦୁଇଟିରେ ଦୁଇଟି କ୍ଷୁଦ୍ର କ୍ଷୁଦ୍ର ରେଡ଼ିୟମ ବିନ୍ଦୁ ।

ରୂପବତୀ ସଂଯୁକ୍ତାର ରୂପ ସାଜସଜ୍ଜାରେ ଅନିନ୍ଦ୍ୟ ସୁନ୍ଦର ଦେଖା ଯାଉଥାଏ ।

ମର୍ତ୍ତ୍ୟର ଅରୁନ୍ଧତୀ ରୂପସୀ ସଂଯୁକ୍ତା ।

ଜୟଚନ୍ଦ୍ର ଦୁହିତାର ରୂପକୁ ମ୍ଳାନ କରିଦିଏ ବିନୋଦ ନନ୍ଦିନୀ ସଂଯୁକ୍ତା ।

ଯୌବନବତୀ, ସ୍ୱାସ୍ଥ୍ୟବତୀ, ବିଦୁଷୀ ସଂଯୁକ୍ତା ।

ବୀଣାସ୍ୱର ବିନିନ୍ଦିତ କଣ୍ଠସ୍ୱର ।

ହସିଲେ ମୁକ୍ତା ।

ଜନ୍ମୋତ୍ସବ ଉଦ୍‌ଯାପିତ ହେଲା ମହା ସମାରୋହରେ । ବନ୍ଧୁ ବାନ୍ଧବମାନେ ଉପହାର ପ୍ରଦାନ କରି ଆପ୍ୟାୟିତ କଲେ ସୁରୁ-ସୁନ୍ଦରୀକୁ । ଆହାର ପର୍ବ ସମାପନାନ୍ତେ ଦୀର୍ଘ ଓ ସୁଖମୟ ଜୀବନ କାମନା କରି ବିଦାୟ ନେଲେ ଶୁଭାର୍ଥୀ ଦଳ ।

ନିଜର ନିର୍ଦ୍ଦିଷ୍ଟ କକ୍ଷକୁ ବିଶ୍ରାମ ନେବା ଲାଗି ଆସିଲା ସଂଯୁକ୍ତା । ଡନ୍‌ଲୋପିଲୋ ଶଯ୍ୟା ଉପରେ ଶରୀର ଲମ୍ବାଇ ଦେବାକୁ ଯାଉଛି, ହଠାତ୍ ଅରୁଣର କଥା ମନେ ପଡିଲାରୁ ତଡ଼ିତ୍ ବେଗରେ ଘୂରି ଆସି ନିକଟସ୍ଥ କକ୍ଷର ଦ୍ୱାର ମୁହଁ ପାଖରେ ଛିଡ଼ା ହୋଇ ଅନୁଚ୍ଚ କଣ୍ଠରେ ଡାକିଲା—ଅରୁଣ...

ଅରୁଣ ଯେପରି ଏହି ଡାକ ଶୁଣିବା ଲାଗି ଅପେକ୍ଷା କରିଥିଲା । ବିଛଣାରୁ ଉଠି ଆସି ଦ୍ୱାର ଖୋଲି ସହାସ୍ୟମୁଖରେ କହିଲା—ମୁଁ ଜାଣେ, ତୁମେ ଆସିବ ସଞ୍ଜୁ...

ନିରବ ହସ ହସିଲା ସଂଯୁକ୍ତା ।

ଏ ସେହି ହସ—ଯେଉଁ ହସ ଯୋଗୁଁ ଧ୍ୱଂସ ହୋଇଥିଲା ଟ୍ରୟ ନଗରୀ, ଛାରଖାର ହୋଇଥିଲା ସ୍ୱର୍ଣ୍ଣ ଲଙ୍କା ।

ନିଃଶବ୍ଦରେ ଅରୁଣକୁ ଅନୁସରଣ କରିବା ଲାଗି ଇଙ୍ଗିତ କରି ଆଗକୁ ଗୋଡ଼ ବଢ଼ାଇଲା ସଂଯୁକ୍ତା ।

ଛୋଟ ଉଦ୍ୟାନଟିରେ ଉଭୟେ ଆସି ବସିଲେ ।

ସ୍ୱଳ୍ପ ଶକ୍ତିର ଗୋଟିଏ ବଲ୍‌ବ ଜଳୁଥିଲା ଉଦ୍ୟାନ ବାଟିକାରେ । ସମସ୍ତ ସ୍ଥାନଟି ପର୍ଯ୍ୟାପ୍ତ ଆଲୋକରୁ ବଞ୍ଚିତ ହେଉଥିଲା । ପରିଷ୍କାର ଆଲୋକ ଅରୁଣ ଉପରେ ପଡ଼ିଥାଏ । ଝାପ୍‌ସା ଆଲୋକରେ ବସିଥାଏ ସଂଯୁକ୍ତା । ଡ୍ରାଗନର ଚକ୍ଷୁ ଦୁଇଟି ଅନ୍ଧକାରରେ ହିଂସ୍ର ହେବା ଭଳି ଜଣା ଯାଉଥାଏ । ଅରୁଣ କିଛି ସମୟ ଯାଏ ଏକ ଦୃଷ୍ଟିରେ ଚାହିଁ ମ୍ଳାନ କଣ୍ଠରେ କହିଲା—ଏହି ବ୍ରୋଚ୍‌ଟା ନପିନ୍ଧିବା ପାଇଁ ମୁଁ ତୁମକୁ ବହୁଥର ଅନୁରୋଧ କରିଛି ସଞ୍ଜୁ ! ତୁମେ ମୋ କଥା ଆଦୌ ଶୁଣୁ ନାହଁ । ଡ୍ରାଗନ୍‌ଟାର ଆଖି ଦୁଇଟାରେ କଣ ଅଛି ଜାଣେନା, ମୋର କାହିଁକି ମନେହୁଏ ସେ ଯେପରି ମୋତେ କ୍ରୁଦ୍ଧ ଦୃଷ୍ଟିରେ ସବୁବେଳେ ଚାହୁଁଛି ।

ଏଥର ମଧ୍ୟ ନିଃଶବ୍ଦ ହସ ହସିଲା ସଂଯୁକ୍ତା । ଅନ୍ଧକାରରେ ଦେଖି ନପାରିଲେ ସୁଦ୍ଧା ଯାନ୍ତ୍ରିକ ଶବ୍ଦଟି ଶୁଣି ପାରିଲା ଅରୁଣ ।

ମୋ କଥା ଶୁଣି ପାରିଲ ନାହିଁ ବୋଧହୁଏ ...

ଶୁଣିଛି ଗୋ ଶୁଣିଛି...ହସି ହସି ସଂଯୁକ୍ତା ଅରୁଣର ଗୋଟିଏ ହାତ ଧରି ଉଲ୍ଲାସରେ ନଚାଇବାକୁ ଲାଗିଲା । ଧୀରେ ଧୀରେ ଆଉକି

ପଡ଼ିଲା ଅରୁଣ ଉପରେ । ଅରୁଣ ସଂଯୁକ୍ତାର ପୀନୋନ୍ନତ କୁମ୍ଭ ଦୁଇଟି ବଢ଼ାଇ ଦୁଇ ହାତରେ ଶରୀରଟାକୁ ବେଷ୍ଟନ କରିଦେଲା । କହିଲା—କୁହ, ତୁମେ ମୋ କଥା ରଖିବ ?

କାହିଁକି ନ ରଖିବି ? ତୁମେ ତ ମୋର ସର୍ବସ୍ୱ···ଆଉ କେଇଟା ଦିନ ପରେ···

କେଇଟା ଦିନ ? ଆଶ୍ଚର୍ଯ୍ୟ କଣ୍ଠରେ କହିଲା ଅରୁଣ···ତାହା ହେଲେ କଣ ଫେରି କିଛିଦିନ ମୋତେ ଅପେକ୍ଷା କରିବାକୁ କହୁଛ ? ଆସିବା ବେଳେ ତୁମେତ କହିଥିଲ, ଜନ୍ମଦିନ ଉତ୍ସବ ଶେଷରେ ତୁମେ ବାପାଙ୍କ ଆଗରେ ପ୍ରସ୍ତାବ ପକାଇବ ବୋଲି···

ଆଜି ଆଉ ପ୍ରସ୍ତାବ ପକାଇ ପାରିବି ନାହିଁ । ବାପା ବଡ଼ କ୍ଳାନ୍ତ ହୋଇ ପଡ଼ିଛନ୍ତି । କାଲି ସକାଳବେଳା ଖିଆପିଆ ପରେ ବାପାଙ୍କୁ ସବୁ କଥା ଶୁଣାଇବି···ତୁମକୁ ନପାଇଲେ ମୋର ଜୀବନ ଯେ ବ୍ୟର୍ଥ ହୋଇଯିବ ଅରୁଣ !

ବ୍ୟର୍ଥ ଯଦି ହେବାର ଥାଏ ମୋର ହେବ ସଞ୍ଜୁ···ତୁମର ନୁହେଁ । ତୁମେ ଚନ୍ଦ୍ର, ମୁଁ ଚକୋର । ଚକୋରର ଆଶା ସବୁବେଳେ ସନ୍ଦେହଦୋଳାରେ ଦୋଳାୟିତ ହୁଏ ।

ପୁଣି ଥରେ ନିଃଶବ୍ଦ ହସର ଲହରୀ ନିଃଶବ୍ଦରେ ମିଳାଇଗଲା ।

ଅରୁଣ ଆଉ ଟିକଏ ପାଖକୁ ଲାଗି ଆସିଲା । ଅରୁଣର ତପ୍ତ ନିଃଶ୍ୱାସ ତପ୍ତକାଞ୍ଚନବର୍ଣ୍ଣୀ ସଂଯୁକ୍ତାର ନଟତ କୁଚ ଦ୍ୱୟର ମଧ୍ୟସ୍ଥଳରେ ଆଘାତ କଲା—ଅସଂଯତ ବସ୍ତ୍ର । ସଂଯୁକ୍ତାର ଗୋଲାପୀ ଅଧରୋଷ୍ଠ ଦୁଇଟି ଥରି ଥରି ଦୟିତର ସନ୍ନିକଟବର୍ତ୍ତୀ ହେବାକୁ ଲାଗିଲା । କିନ୍ତୁ ଗୋଟାଏ ଘଟିବା ପୂର୍ବରୁ ଉଦ୍ୟାନରେ ପଡ଼ିଥିବା ଶୁଷ୍କ ପତ୍ରର ମର୍ମର ଶବ୍ଦରେ ଉଭୟେ ଚମକି ପଡ଼ିଲେ । ସଚକିତ

ନେତ୍ରରେ ଦୃଷ୍ଟି ବୁଲାଇ ସୁଦ୍ଧା କାହାରିକୁ ସେମାନେ ଦେଖିପାରିଲେ ନାହିଁ । ବିସ୍ମିତ ଦୃଷ୍ଟିରେ ଉଭୟେ ଚାହିଁଲେ ଉଭୟଙ୍କୁ ।

ବିସ୍ମିତ ଭାବ ଅପସାରିତ ହେଲା ଭୃତ୍ୟ ଅନାଦିର ଡାକରେ ।

ଦିଦି ! ବାବୁ ତୁମକୁ ଡାକୁଛନ୍ତି, ଚଞ୍ଚଳ ଆସ...

ତୁମେ ଯାଅ ଅନାଦି ଭାଇ, ମୁଁ ତୁମରି ପଛେ ପଛେ ଯାଉଛି ।

ଅନାଦି ଚାଲିଗଲା । ଅପରାଧିନୀ ପରି ଲଜ୍ଜିତ ମୁଖରେ ଅରୁଣ ଆଡେ ଚାହିଁ ସଂଯୁକ୍ତା କହିଲା, ଚାଲ ଅରୁଣ, ରାତି ଢେର ହୋଇଛି । ତୁମେ ଶୋଇବ ଯାଅ, ବାବା କାହିଁକି ଡାକିଲେ ମୁଁ ଟିକିଏ ବୁଝି ଆସେ ।

ଅରୁଣକୁ ନିର୍ଦ୍ଦିଷ୍ଟ କୋଠରୀରେ ଛାଡ଼ି ସଂଯୁକ୍ତା ବିନୋଦ ସହିତ ଦେଖା କରିବାକୁ ଆସିଲା ।

ନିଜର ଶୟନ କକ୍ଷରେ ହାତ ଦୁଇଟିକୁ ପଛଆଡେ ରଖି ଅସ୍ଥିର ଭାବେ ପଦଚାରଣ କରୁଥିଲା ବିନୋଦ । ସଂଯୁକ୍ତାର ପିତା ସମ୍ବୋଧନରେ ପଛକୁ ଚାହିଁ ପଦଚାରଣା ବନ୍ଦ କରି ଘର ଭିତରେ ପଡିଥିବା ଚେୟାରଟିରେ ବସି ପଡି ଅନ୍ୟ ଚେୟାରଟିରେ ବସିବା ପାଇଁ ସଂଯୁକ୍ତାକୁ ଇଙ୍ଗିତ କଲା ।

ସଂଯୁକ୍ତା ବସିଲା । ବିନୋଦ ପକେଟରୁ ସିଗାରେଟ ବାହାର କରି ଅଗ୍ନିସଂଯୋଗ ପୂର୍ବକ ଧୂମୋଦ୍‌ଗୀରଣ କରିବାକୁ ଲାଗିଲା । ଚମକି ପଡ଼ିଲା ସଂଯୁକ୍ତା । ଆଜି ସେ ପ୍ରଥମ ବିନୋଦକୁ ସିଗାରେଟ ଟାଣିବା ଦେଖୁଛି । ଦାମୀ ସ୍ପେଶାଲ ବ୍ରାଣ୍ଡ୍ ଇଜିପ୍‌ସିଆନ ସିଗାରେଟ । ଅତୀତର କଥା ଭୁଲି ନାହିଁ ସଂଯୁକ୍ତା···କେତେ ରାତି, କେତେ ଦିନ ସେମାନେ ଅନାହାରରେ ବିତାଇଛନ୍ତି । ଅଭାବଗ୍ରସ୍ତ ବିନୋଦ ବାଧ ହୋଇ ବିଡ଼ି ଟାଣିବା ପର୍ଯ୍ୟନ୍ତ ଛାଡ଼ି ଦେଇଥିଲା । ଆଜି ସେଇ ବିନୋଦ ଦାମୀ ସିଗାରେଟ ଟାଣିବା ଦେଖି ସଂଯୁକ୍ତା ଆଶ୍ଚର୍ଯ୍ୟ ନ ହେବ କିପରି ?

ଉଭୟେ ନୀରବରେ ବସିଥାନ୍ତି କିଛୁବେଳଯାଏ ।

ସିଗାରେଟରେ ଶେଷ ସ୍ପର୍ଶ ଦେଇ ଝରକାବାଟେ ଅବଶିଷ୍ଟାଂଶକୁ ବାହାର ଆଡେ ପକାଇ ଦେଇ ବିନୋଦ ପୁନର୍ବାର ପଦଚାରଣା ଆରମ୍ଭ କଲା । ହଠାତ୍ ଠିଆ ହୋଇ ପଡ଼ି ସଂଯୁକ୍ତାର ନିକଟବର୍ତ୍ତୀ ହୋଇ କହିଲା—ସଞ୍ଜୁ !···

ସଞ୍ଜୁ ଚାହିଁଲା ବିନୋଦଙ୍କୁ ।

ମୁଁ ବୁଝି ପାରୁଛି ଅରୁଣକୁ ତୁ ପସନ୍ଦ କରୁ । ମୋ ମତରେ ଅରୁଣ ଅପାତ୍ର ନୁହେଁ । ଦୁହେଁ ଏକ ସଙ୍ଗରେ କଲେଜରେ ପଢୁଛ । ହେଲେ ମଧ୍ୟ ତା ସାଙ୍ଗରେ ତୋର ପରିଚୟ ବେଶୀଦିନ ହେଲା ହୋଇ ନାହିଁ । ତୁମ କଲେଜକୁ ସେ ମାତ୍ର ଛ' ମାସ ହେଲା ଆସିଛି । ଏହି ଛଅ ମାସର ଦେଖା ସାକ୍ଷାତ ଓ କଥାବାର୍ତ୍ତାରେ ନିଜକୁ ସଁପି ଦେବା ମୁଁ ଆଦୌ ପସନ୍ଦ କରୁନାହିଁ ।

ସଂଯୁକ୍ତା ମୁହଁ ତଳକୁ କରି ବସିଲା ।

ବିନୋଦ ଆସି ଚେୟାରଟିରେ ବସିଲେ । କହିଲେ—ମୋର ଯାବତୀୟ ସମ୍ପତ୍ତିର ଏକମାତ୍ର ଅଧିକାରିଣୀ ତୁ । ବ୍ୟାଙ୍କ୍‌ରେ ପ୍ରାୟ ଲକ୍ଷେ ଟଙ୍କା ପର୍ଯ୍ୟନ୍ତ ଜମା କରିଛି, ସେସବୁ ତୋର । ଯେଉଁ ବିନୋଦ ଦଶ ବର୍ଷ ତଳେ ମୁଠାଏ ଅନ୍ନ ପାଇଁ ପର ପାଖରେ ହାତ ପତାଉଥିଲା; ସେ ଆଜି ଲକ୍ଷପତି । ଅବିଶ୍ୱାସର କଥା ହେଲେ ସୁଦ୍ଧା ଭାଗ୍ୟ ମୋ ସହିତ ପ୍ରତାରଣା କରି ନାହିଁ । ସେଦିନର ଶିଳ୍ପୀ ବିନୋଦ ଦାସ ଓ ଆଜିର ବିନୋଦ ଦାସ ମଧ୍ୟରେ ଆକାଶ ମୃତ୍ତିକା ପ୍ରଭେଦ ।

କିନ୍ତୁ ବାବା···

ପ୍ରିୟତମା କନ୍ୟାର ମୁହଁ ଆଡେ ଚାହିଁଲେ ବିନୋଦ । ଅଭିଯୋଗ ଯେପରି କ୍ଷରିତ ହେଉଛି ସ୍ନେହମୟୀ କନ୍ୟାର କ୍ଷୁଦ୍ର ବକ୍ଷାନ୍ତରରୁ । କହିଲେ—କିଛି କହିବୁ ସଞ୍ଜୁ ?

ସଂଯୁକ୍ତା ମୃଦୁ କଣ୍ଠରେ କହିଲା—ମୁଁ ତ ତୁମକୁ ଚିହ୍ନେ ବାବା ! ଶାନ୍ତ, ଧୀର, କଷ୍ଟସହିଷ୍ଣୁ, ନିର୍ଦ୍ଦିକତେଚା ବୋଲି ପିଲା ଦିନରୁ ଦେଖି ଆସୁଛି—ମାତ୍ର···

କଣ ତୁ କହିବାକୁ ଚାହୁଁ ସଞ୍ଜୁ !

ବିନୋଦର ବିସ୍ମିତ କଣ୍ଠସ୍ୱର ଶୁଣି ଚମକି ପଡ଼ିଲା ସଂଯୁକ୍ତା । ଆଶ୍ଚର୍ଯ୍ୟ ଭାବେ ନିଜକୁ ସମ୍ଭାଳି ନେଇ ଧୀର ଶାନ୍ତ କଣ୍ଠରେ କହିଲା—ତୁମେ ରାଗିଲେ ମୁଁ କିଛି କହିବି ନାହିଁ ବାବା···

ବିନୋଦ ବୁଝି ପାରିଲା କନ୍ୟା ଅଭିମାନ କରିଛି । ଆଗେଇ ଆସି ସଂଯୁକ୍ତାର କେଶଗୁଚ୍ଛଗୁଡ଼ିକୁ ମୃଦୁ ଭାବେ ସ୍ପର୍ଶ କରୁ କରୁ କୋମଳ ସ୍ୱରରେ କହିଲା—ରାଗିଲୁ ମା' ? କଣ ତୋର କହିବାର ଅଛି କହ—ମୁଁ ଶୁଣିବି ।

ମୁଁ ତୁମକୁ ଉପଦେଶ ଦେଇ ପାରେନା ବାବା ! ଅନୁରୋଧ କରିବି, ଅନୁରୋଧ କରିବି ଯେ—ତୁମେ ଏଣିକି ମର୍ମସ୍ପର୍ଶୀ ଚିତ୍ର ଆଉ ଜନ-ସମାଜକୁ ଉପହାର ଦିଅନା । ତୁମ ପ୍ରତି ଲୋକଙ୍କର ଗୋଟାଏ କୁତ୍ସା ଧାରଣା ଜନ୍ମିବ ବୋଲି ମୋର ଆଶଙ୍କା ହୁଏ । ମୁହୂର୍ତ୍ତେ ନୀରବ ରହି ନମ୍ରମୁଖୀ ହୋଇ ସଂଯୁକ୍ତା ପୁଣି କହିଲା—ଯେଉଁ ଶିଳ୍ପୀଙ୍କ ତୂଳିକାରୁ କାନ୍ତ କୋମଳ ପରିବେଶ ସୃଷ୍ଟି ହେଉଥିଲା, ସେ ହଠାତ୍ ଏପରି ନିଷ୍ଠୁରତାପୂର୍ଣ୍ଣ ଚିତ୍ର ଅଙ୍କନ କଲେ କିପରି ? ଏହା ଭାବି ମୁଁ ଆଶ୍ଚର୍ଯ୍ୟ ହେଉଛି ବାବା ! ଆଉ ମଧ୍ୟ···

ସଞ୍ଜୁ···ଡାକଟି କିପରି ରୂଢ଼ ଶୁଣାଗଲା ।

ହଁ, ବାବା ! ସେହି ସଙ୍ଗେ ସଙ୍ଗେ ତୁମ ପ୍ରକୃତିର ମଧ୍ୟ ଯଥେଷ୍ଟ ପରିବର୍ତ୍ତନ ଘଟିଛି । ତୁମେ କର୍କଶ ହୋଇ ଉଠିଛ । ଗୋଟାଏ ବିରାଟ ଜିଜ୍ଞାସାର ଚାପରେ ତୁମେ ଯେପରି ଦିବାରାତ୍ର ଅସ୍ଥିର ହେଉଛ । ମୁଁ ଏଠାକୁ ସପ୍ତାହେ ହେଲା ଆସିଛି, ଆଗକାର ଶାନ୍ତ ମୂର୍ତ୍ତି ଦିନେ ହେଲେ ଏହା ଭିତରେ ଦେଖି ନାହିଁ ।

ବିନୋଦ ନୀରବ ।

ପିତା ପୁତ୍ରୀର ମାନ ଅଭିମାନର ସାକ୍ଷୀ ସ୍ୱରୂପ କାନ୍ଥ ଘଣ୍ଟାଟି ନିଜର ଅସ୍ତିତ୍ୱ ଜଣାଇବା ଲାଗି ଢଂ କରି ଶବ୍ଦ ଘୋଷଣା କଲା ।

ରାତି ସାଢ଼େ ବାରଟା ।

ଧୀରେ ଧୀରେ ଚେୟାରରୁ ଉଠି ଆସି ନୀରବ ଅଶ୍ରୁମୟୀ ଅପତ୍ୟର ପିଠିରେ ହାତ ବୁଲାଇ ବୁଲାଇ ଆଶ୍ଚର୍ଯ୍ୟଜନକ କଣ୍ଠରେ ବିନୋଦ କହିଲା—ଯା ମା', ଶୋଇପଡ଼ । ରାତି ଅନେକ ହୋଇଛି ।

ଧୀରେ ଧୀରେ ନିଜର ନିର୍ଦ୍ଦିଷ୍ଟ କକ୍ଷକୁ ଫେରି ଆସିଲା ସଂଯୁକ୍ତା ।

ବିନୋଦ ଘରଟି ଭିତରେ ପୁନର୍ବାର ପଦଚାରଣା ଆରମ୍ଭ କଲା । ଝିଅର କଥାଗୁଡ଼ିକ ମନେ ମନେ ଆଲୋଚନା କରିବାକୁ ଲାଗିଲା ସେ । ପ୍ରକୃତରେ ସେ କଣ ବଦଳି ଯାଇଛି ? ତାର ପ୍ରକୃତିରେ ଆସିଛି ପରିବର୍ତ୍ତନ ? ସେ ଆଉ କାନ୍ତ କୋମଳ ଶିଳ୍ପୀ ନୁହେଁ, ନିଷ୍ଠୁର କର୍କଶ ଶିଳ୍ପୀ । କିନ୍ତୁ ଲୋକେତ ତା ଶିଳ୍ପକୁ ପ୍ରଶଂସା କରୁଛନ୍ତି—ଲକ୍ଷ ଲକ୍ଷ ମୁଦ୍ରା ସେ ଲାଭ କରୁଛି । ଆଗ ପରି ଭାବପୂର୍ଣ୍ଣ, ଉପଦେଶାତ୍ମକ ଶିଳ୍ପକୁ ଯଦି ସେ ଜୀବନର ବୃତ୍ତି ରୂପେ ଗ୍ରହଣ କରିଥାନ୍ତା ତାହେଲେ କି ଏପର୍ଯ୍ୟନ୍ତ ଜୀବିତରେ ଥାଆନ୍ତା ସେ ! ଦାରିଦ୍ର୍ୟର କଷାଘାତ କେତେ ଯନ୍ତ୍ରଣାଦାୟକ ତା' ଅପେକ୍ଷା ଆଉ ବେଶୀ କିଏ ଜାଣେ ?

ରୁକ୍ମଣୀର କଥା ମନେପଡ଼େ ବିନୋଦର । ଧିରୁ ଧିରୁ ଚେୟାରଟି ଉପରେ ଆସି ବସିଲା । ନିଦ୍ରାଦେବୀ କେତେବେଳେ କୋଳକୁ ଆଉଜାଇ ନେଇଛନ୍ତି ତାହା ସେ ଜାଣି ପାରିଲା ନାହିଁ ।

ଅସ୍ପଷ୍ଟ ଶବ୍ଦ ଶୁଣି ବିନୋଦର ନିଦ୍ରା ଭାଙ୍ଗି ଗଲା ।

ପ୍ରଥମେ ସେ କିଛି ବୁଝି ପାରିଲା ନାହିଁ । ପରେ ମନେ ପଡ଼ିଲା ସେ ତ ଆଲୁଅ ଲିଭାଇ ନ ଥିଲା—ଘର ଅନ୍ଧକାର ହେଲା କିପରି ? ଘର ଭିତରେ କାହାର ଯେପରି ପଦାର୍ପଣ ଘଟିଥିଲା ବୋଲି ତାର ମନେ ହେଲା । ନିଃଶବ୍ଦରେ ଚେୟାରରୁ ଉଠି ସୁଇଚ୍ ଟିପି ଘର ଆଲୋକିତ କରି ତୀକ୍ଷ୍ଣ ଦୃଷ୍ଟିରେ ଚାରିଆଡ଼େ ଦେଖି ନେଇ ନିଃସନ୍ଦେହ ହୋଇ ପୁଣି ଆସି ଚେୟାରଟିରେ ବସିଲା ।

ଗଳା ଯେପରି ଶୁଖି ଯାଉଛି ବୋଲି ମନେ ହେଲା ବିନୋଦର । ଉଠି ଆସି ସୁରେଇରୁ ପାଣି ଗିଲାସେ ଢ଼ାଳି ଏକ ନିଃଶ୍ୱାସରେ ପାଣିତକ ଶେଷ କରି ଦେଇ ବିଛଣାରେ ପଡ଼ିବାକୁ ଚେଷ୍ଟା କଲା । କିନ୍ତୁ ନିଦ ଆସିଲା ନାହିଁ । ସଂଯୁକ୍ତାର କଥା ମନେ ପଡ଼ିଲା । ସମଗ୍ର ବିଶ୍ୱ ନିକଟରେ ତାର ପ୍ରତିଭା ଆଦୃତ ହେଲେ ମଧ୍ୟ ସଂଯୁକ୍ତା ତାହା ସହଜ ଭାବେ ଗ୍ରହଣ କରିପାରୁ ନାହିଁ । ହଠାତ୍ ସଂଯୁକ୍ତାର ଏ ପରିବର୍ତ୍ତନର କାରଣ କଣ ?

ଏଇତ ଆଜି ସକାଳ ଡାକରେ ସେ ଚିଠି ପାଇଛି—ଉଦୟପୁରର ଜମିଦାର ତାର ଶିଳ୍ପ ପ୍ରତିଭା ଦେଖି ମୁଗ୍ଧ ହୋଇଛନ୍ତି—ସାତ ଦିନ ମଧ୍ୟରେ ଖଣ୍ଡିଏ ଚିତ୍ର ସେ ଚାହାନ୍ତି । ଉପଯୁକ୍ତ

ପାରିଶ୍ରମିକ ସେ ଦେବେ । ଚିଠି ସାଙ୍ଗରେ ଏକ ହଜାର ଟଙ୍କାର ଚେକ୍ ଖଣ୍ଡିକ ଆଡ୍‌ଭାନ୍‌ସ ସ୍ୱରୂପ ପଠାଇଛନ୍ତି । ଅନୁରୋଧ କରି ଲେଖିଛନ୍ତି, ଚିତ୍ରଟି ଯେପରି ମର୍ମନ୍ତୁଦ ସ୍ୱାକ୍ଷର ନେଇ ଚିତ୍ରିତ ହୁଏ । ଅର୍ଥାତ୍, ଯେଉଁ ବ୍ୟକ୍ତିର ଚିତ୍ର ଅଙ୍କିତ ହେବ, ଦାରୁଣ ଯନ୍ତ୍ରଣାର ଅଭିବ୍ୟକ୍ତି ମୁଖାବୟବରେ ଯେପରି ପ୍ରକଟିତ ହେଉଥିବ । ମୃତ୍ୟୁ ଦେବତା ଯେପରି ତିଳ ତିଳ କରି ଯନ୍ତ୍ରଣା ଦେଇ ଦଗ୍ଧ କରୁଥିବେ ।

ନା, ହୃଦୟକୁ ଏତେ ଦୁର୍ବଳ କଲେ ଚଳିବ ନାହିଁ । ସଂଯୁକ୍ତାର ବୟସ ଅଳ୍ପ । ବିଶେଷତଃ ନାରୀର ଚିରନ୍ତନ କୋମଳତା ନେଇ ସେ ଜନ୍ମିଛି । ସହଜାତ ଦୁର୍ବଳତାର ଅଧିକାରିଣୀ ସେ । ତେଣୁ ଟ୍ରାଜେଡ଼ି ସେ ସହ୍ୟ କରିପାରୁ ନାହିଁ । ସଂସାର ସମ୍ବନ୍ଧରେ ତାର ଆଉ କେତେ ଟିକକ ଜ୍ଞାନ !

କିନ୍ତୁ ଗୋଟାଏ ଅଦୃଶ୍ୟ ଆଶଙ୍କା ଯେପରି ତିଳ ତିଳ ତାକୁ ବିବ୍ରତ କରିବାକୁ ଲାଗିଛି । ଘୁଇ ନିଦ ଲାଗିଛି କି ନାହିଁ ସେ ସ୍ପଷ୍ଟ ଶୁଣି ପାରୁଛି ତାର "ଚିତ୍ରଶାଳା"ରେ କିଏ ଯେପରି ଘୂରି ବୁଲୁଥିଲା । ମନୁଷ୍ୟର ପଦ ଶବ୍ଦ ପରି ମନେ ହେଉଥିଲା । ଏ ଘରେ ମଧ୍ୟ ସେ ପଦଶବ୍ଦ ଶୁଣି ପାରୁଛି । ନା, ଅବଚେତନ ମନର ଧାରଣା ନୁହେଁ, ସ୍ପଷ୍ଟ ପଦଶବ୍ଦ ସେ ଶୁଣି ପାରୁଛି ।

ବିନୋଦ ଉଠିଲା । ତକିଆ ତଳୁ ଚାବି କାଢି ନେଇ "ଚିତ୍ରଶାଳା" ଦୁଆର ମୁହଁରେ ଆସି ଠିଆ ହୋଇ ତାଲା ପରୀକ୍ଷା କରି ଦେଖିଲା, ଅକ୍ଷତ ଅବସ୍ଥାରେ ତାଲାଟି ଝୁଲୁଛି । ଆଶ୍ଚର୍ଯ୍ୟ ହେଲା ବିନୋଦ । ଆଜି ତାଲା ଖୋଲିବାର ପ୍ରୟୋଜନ ନକରି ସେ ସେଠାରୁ ଫେରି ଅନାଦିର ଘର ପାଖରେ ପହଞ୍ଚି ଦେଖିଲା—

ଦୁଆର ମେଲା କରି ନିର୍ଘୋଡ଼ ନିଦରେ ଶୋଇଛି ସେ । ନିଃଶବ୍ଦରେ ଆସିଲା ଉପର ମହଲାକୁ ।

ସଂଯୁକ୍ତାକୁ ନିର୍ଘୋଡ଼ ନିଦରେ ଶୋଇଥିବା ଦେଖି ମାତୃହୀନା ସନ୍ତାନକୁ ଆଦର କରିବା ଉଦ୍ଦେଶ୍ୟରେ ବିନୋଦର ମନ ଛଟପଟ ହୋଇ ଉଠିଲା । ବହୁ ରୂଢ଼ ବ୍ୟବହାର ସେ ଆଜି ତା ସହିତ କରିଛି । କାଳେ କନ୍ୟାର ନିଦ୍ରାରେ ବ୍ୟାଘାତ ଘଟିବ ଏହା ଭାବି ସେ ନିରସ୍ତ ହୋଇ ଫେରୁ ଫେରୁ ମନେ ମନେ ଠିକ୍ କଲା, କାଲି ସକାଳେ ଭଲ ଭାବେ ବୁଝାଇ ସେ ସଂଯୁକ୍ତାର ମନର ଗ୍ଲାନି ଦୂର କରି ଦେବ । ଆଜି ରାତିଟା ବରଂ ଟିକିଏ ବିଶ୍ରାମ ନେଉ ।

ଅରୁଣର କକ୍ଷ ନିକଟରେ ଆସି ଠିଆ ହେଲା ବିନୋଦ । ଭିତରପଟୁ କବାଟ ଦୁଇଟି ଆଉଜା ହୋଇଥାଏ । କବାଟ ଦୁଇଟିକୁ ଟିକିଏ ଫାଙ୍କ କରି ଭିତରକୁ ଉଙ୍କି ମାରିଲା ବିନୋଦ । ଘରଭିତରେ ସ୍ୱଳ୍ପ ଶକ୍ତିର ନୀଳାଭ ଆଲୋକ ମାୟାପୁରୀ ରଚନା କରିଥାଏ । ଡନ୍‌ଲୋପିଲୋ ଗଦି ଉପରେ ଆରାମରେ ଶୋଇଥାଏ ଅରୁଣ । ତାକୁ ଦେଖି ବିନୋଦର ମନରେ ଅପ୍ରସନ୍ନତାର ଭାବ ଫୁଟି ଉଠିଲା । ଏହି ଲୋକଟା ତାର ଜାମାତା ହେବାକୁ ଯାଉଛି ! ଅଜ୍ଞାତକୁଳଶୀଳ, ମାତ୍ର ଛଅଟା ମାସର ପରିଚୟ । ସଂଯୁକ୍ତା ଯାଙ୍ଗରେ । ସଞ୍ଜୁ ବିଷୟରେ ସେ ଏକପ୍ରକାର ସବୁ ଠିକ୍ କରି ରଖିଛି । ଜଷ୍ଟିସ୍ ରମାନାଥବାବୁଙ୍କର ଏକମାତ୍ର ପୁତ୍ର ସୁବ୍ରତ ସହିତ ସେ ସଞ୍ଜୁକୁ ଛନ୍ଦି ଦେବ ବୋଲି ସବୁ ବନ୍ଦୋବସ୍ତ କରିଛି । ସୁବ୍ରତ ବର୍ତ୍ତମାନ ବିଳାତରେ ବାରିଷ୍ଟରୀ ପରୀକ୍ଷା ଦେଇଛି, ଆର-ମାସରେ ଫେରିଲେ ଶୁଭକାର୍ଯ୍ୟ ସମ୍ପନ୍ନ ହେବ ।

ଅରୁଣ ସଂଯୁକ୍ତା ଜୀବନର ଗ୍ରହ ହୋଇ ତାର କୋମଳ ହୃଦୟକୁ ଛାରଖାର କରିବାକୁ ବସିଛି । ପିତା ହୋଇ ସେ ତାହା କରାଇ ପାରେନା । ସୁବ୍ରତ ସଂଜର, ସଂଜ ସୁବ୍ରତର ।

ଗୋଟାଏ ଦୁର୍ମଦ ଶସ୍ତାନ ଯେପରି ବିନୋଦକୁ ତାଡ଼ନା କରିବାକୁ ଲଗିଲା । ଏଇ ଲୋକଟାକୁ ଏଠୁ ତଡ଼ିବାକୁ ହେବ । ଦରକାର ପଡ଼ିଲେ···

ଉତ୍ତପ୍ତ ମସ୍ତିଷ୍କରେ ଫେରିଲା ବିନୋଦ ।

ଘର, ଉଦ୍ୟାନ କେଉଁଠି ନପାଇ ସଂଯୁକ୍ତା ଶେଷରେ "ଶୟନଶାଳା" ଆସିଲା । ଦୁଆର ମୁହଁରେ ଅନାଦିକୁ ଦେଖି ଥମକି ଛିଡ଼ା ହୋଇଗଲା ସେ । ପରମୁହୂର୍ତ୍ତରେ ଅନାଦିକୁ ଅବଜ୍ଞା କରି ସେ ଯେତେବେଳେ ଘର ଭିତରକୁ ଯିବା ଲାଗି ଗୋଡ଼ ବଢ଼ାଇଛି, ଅନାଦି ରୁକ୍ଷକଣ୍ଠରେ କହିଲା—ହୁକୁମ ନାହିଁ ।

ସଂଯୁକ୍ତାର ପଥରୋଧ କରି ଛିଡ଼ା ହେଲା ଅନାଦି ।

ହୁକୁମ ନାହିଁ ? କାହାର ହୁକୁମ ? ଅନ୍ଧକାରରେ ଅନାଦିକୁ ସ୍ପଷ୍ଟ ଦେଖି ନପାରିଲେ ସୁଦ୍ଧା ପ୍ରଶ୍ନ କଲା ସଂଯୁକ୍ତା ।

ଅନାଦି କଣ କହିବାକୁ ଯାଉଥିଲା, କିନ୍ତୁ ମୁହଁରୁ କଥା ବାହାରିବା ଆଗରୁ ସଂଯୁକ୍ତାର ମନେହେଲା ଦୁଇଟି ବଳିଷ୍ଠ ହାତ ଯେପରି ଚକିତରେ ଅନାଦିକୁ ପଛଆଡ଼ୁ ଜାପୋଟି ଧରି କେଉଁଆଡ଼େ

ଅଦୃଶ୍ୟ ହୋଇଗଲା । ସ୍ତବ୍ଧ, ନିଶ୍ଚଳ ଅବସ୍ଥାରେ ମୁହୂର୍ତ୍ତେ ଠିଆ ହୋଇ ଦ୍ୱାର ଠେଲି ଭିତରକୁ ପଶିଲା ସଂଯୁକ୍ତା । ନିଜର ଆଖି ଦୁଇଟିକୁ ସେ ଯେପରି ବିଶ୍ୱାସ କରି ପାରିଲା ନାହିଁ । ତାର ପ୍ରିୟତମ ବନ୍ଧୁ ଅରୁଣ ଗୋଟିଏ ମଳିନ ଶଯ୍ୟା ଉପରେ ନିଶ୍ଚଳ ଅସହାୟ ଭାବେ ଶୋଇଛି—ବିନୋଦ ଇନ୍‌ଜେକସନ ସିରିଞ୍ଜଟାକୁ ତାର ବାହୁରେ ଫୋଡ଼ିବାକୁ ଯାଉଛି । ଗୋଟାଏ ଅଶୁଭ ଆଶଙ୍କାରେ ଶଙ୍କିତା ହୋଇ ସେ ଚିତ୍କାର କରି ଉଠିଲା—ବାବା !—

ଚକିତରେ ଫେରି ଚାହିଁଲା ବିନୋଦ ।

ତୁମେ ଏ କଣ କରୁଛ ବାବା ! ଅରୁଣକୁ ତୁମେ ଇଞ୍ଜେକ୍‌ସନ ଦେଉଛ ? କଣ ହୋଇଛି ଅରୁଣର ?

ସହସ୍ର ସହସ୍ର ପ୍ରଶ୍ନ ଯେପରି ଜମାଟ ବାନ୍ଧି ଆସିଲା ସଂଯୁକ୍ତାର କଣ୍ଠରେ !

ସଂଜୁ ! ଗର୍ଜ୍ଜନ କରି ଉଠିଲା ଉଠିଲା ବିନୋଦ···ତୁ ଏଠୁ ଚାଲିଯା ସଞ୍ଜୁ !—

ବିଦ୍ରୋହୀ ହୋଇ ଉଠିଲା ସଂଯୁକ୍ତା । ଦୃଢ଼ କଣ୍ଠରେ କହିଲା, ନା, ମୁଁ ଯିବ ନାହିଁ । ଅରୁଣ···

ଅରୁଣର ଶଯ୍ୟା ନିକଟକୁ ଆଗେଇ ଆସୁଥିଲା ସଂଯୁକ୍ତା । ପ୍ରବଳ ଧକ୍‌କା ଦେଇ ସଂଯୁକ୍ତାକୁ ତଳେ ପକାଇ ଦେଇ ବିନୋଦ ଅରୁଣ ପାଖକୁ ଆସୁଥିଲା । ଶରୀରର ସମସ୍ତ ଶକ୍ତି ଏକତ୍ରିତ କରି ସଂଯୁକ୍ତା କ୍ଷିପ୍ର ଗତିରେ ଉଠି ଆସି ପିତାର ସମ୍ମୁଖୀନ ହୋଇ କଠିନ କଣ୍ଠରେ କହିଲା—ମୁଁ ଜାଣେ ତୁମେ କଣ କରିବାକୁ ଯାଉଛ । ତୁମେ ହତ୍ୟା କରିବାକୁ ବସିଛ । କିନ୍ତୁ କଣ ତାର ଅପରାଧ ?

ଅପରାଧ ? ଝଙ୍କାର ଉଠିଲା ବିନୋଦ ! ତାର ଅପରାଧ,··· ନା, ନା, ତାର ଅପରାଧ ଥାଉ ବା ନଥାଉ ମୁଁ ତାକୁ ହତ୍ୟା କରିବି । ତୁ ଏଠୁ ଚାଲିଯା ସଞ୍ଜୁ । ଅନାଦି, ଅନାଦି ! ଚିତ୍କାର କରି ଅନାଦିକୁ ଡାକିଲା ବିନୋଦ ।

କିନ୍ତୁ ଅନାଦି ପରିବର୍ତ୍ତେ ଲାଲବାଗ ଥାନାର ଅଫିସର ଇନ୍‌ଚାର୍ଜ ରମେଶ ଚୌଧୁରୀ, ସହକାରୀ ପ୍ରକାଶବାବୁଙ୍କ ସହିତ ଘର ଭିତରେ ପ୍ରବେଶ କରି ଗମ୍ଭୀର କଣ୍ଠରେ କହିଲେ—ଅରୁଣର କି ଅପରାଧ ତାହା କନ୍ୟା ଆଗରେ ପ୍ରକାଶ କରିବାକୁ କୁଣ୍ଠାବୋଧ କଲେ ସୁଦ୍ଧା ଆପଣଙ୍କର ଉଦ୍ଦେଶ୍ୟ ପୋଲିସକୁ ଅଜଣା ନୁହେଁ । ମୁଁ ଆପଣଙ୍କୁ ଗ୍ରେପ୍ତାର କଲି ବିନୋଦବାବୁ ।

ଗ୍ରେପ୍ତାର? କେଉଁ ଅପରାଧରେ ?

ଅଦାଲତରେ ତାହା ଶୁଣି ପାରିବେ ।

ସଂଙ୍କ —

ଯେଉଁ ଅପ୍ରୀତିକର ଘଟଣା କାଳ ଗର୍ଭରେ ଘଟି ଯାଇଛି ସେଇ ଘଟଣାର ମୂଳ କାହାଣୀ ବର୍ଣ୍ଣନା ନକଲେ ସମ୍ପ୍ରଦାୟ ଘଟଣାଟି ତୁମେ ବୁଝି ପାରିବ ନାହିଁ । ତୁମର ବୋଧହୁଏ ମନେଥିବ, ପୂର୍ବେ ତୁମ୍ଭ-ମାନଙ୍କର ଆର୍ଥିକ ଅବସ୍ଥା ଅତି ଶୋଚନୀୟ ଥିଲା । ଅଭାବ ଅନାଟନ ଯୋଗୁଁ ବିନୋଦବାବୁଙ୍କ ପକ୍ଷରେ ସଂସାର ନିର୍ବାହ ଅତି ଦୁଃସହ ହୋଇ ଉଠିଲା ଏବଂ ଏହି କାରଣରୁ ଚିକିତ୍ସା ଅଭାବରେ ତୁମର ମାତା ଅସହାୟରେ ତୁମକୁ ଛାଡ଼ି ସ୍ୱର୍ଗଯାତ୍ରା କଲେ ।

ବିନୋଦବାବୁ ଶିଳ୍ପୀ । କିନ୍ତୁ ତାଙ୍କ ଶିଳ୍ପ ବିଦ୍ୟା ପ୍ରତି କାହାରି ସହାନୁଭୂତି ନମିଳିବା ହେତୁ ସେ ବଡ଼ ହତାଶ ହୋଇ ପଡ଼ିଥିଲେ । ଦିନେ ସେ ଆସୁ ଆସୁ ବାଟରେ ମଟର ଆକ୍‌ସିଡେଣ୍ଟରେ ଗୋଟିଏ ଯୁବକକୁ ଛଟପଟ ହେଉଥିବାର ଦେଖି ତାର ଯନ୍ତ୍ରଣାକାତର ମୁଖଭଙ୍ଗୀକୁ ନିଜର ହୃଦୟପଟରେ ଅଙ୍କିତ କରି ନିଜର ଶିଳ୍ପର ମାଧ୍ୟମରେ ଚିତ୍ରିତ କରି ଯେତେବେଳେ ପ୍ରଦର୍ଶନୀକୁ ପଠାଇଲେ ସେହି ଚିତ୍ରଟି ଦର୍ଶକମାନଙ୍କ ଚିତ୍ତାକର୍ଷଣ କଲା ଓ ଆଶାତୀତ ଅର୍ଥ ମଧ୍ୟ ସେ ପାଇଲେ ଚିତ୍ରଟିକୁ ବିକ୍ରୟ କରି ।

ପରବର୍ତ୍ତୀ ଚିତ୍ର ନିର୍ମାଣ ଲାଗି ପ୍ରସ୍ତୁତ ହେଲେ ବିନୋଦବାବୁ । କିନ୍ତୁ ଏପରି ଦୃଶ୍ୟ ସେ ପାଇବେ କେଉଁଠୁ ? ମୃତ୍ୟୁ ଯନ୍ତ୍ରଣାରେ କାତର ହେଉଥିବା ବ୍ୟକ୍ତିର ଅଭିବ୍ୟକ୍ତିଗୁଡ଼ିକ ସ୍ୱଚକ୍ଷୁରେ ନ ଦେଖିଲେ ପ୍ରାକୃତିକ ଦୃଶ୍ୟ ଚିତ୍ରଣ କରିବା ଅସମ୍ଭବ ହେବା ଜାଣି ଅନ୍ୟ ଉପାୟରେ ସୁସ୍ଥ ବ୍ୟକ୍ତିର ଯନ୍ତ୍ରଣାକାତର ଭାବ ଆଣିବା

ଲାଗି ସେ ହତ୍ୟାର ଆଶ୍ରୟ ନେବଲେ । ଅନାଦିକୁ ସେ ସହକାରୀ ରୂପେ ଆବିଷ୍କାର କଲେ । ଅନାଦି ଜେଲ ଫେରନ୍ତା ଆସାମୀ । ପୁଲିଶର ଖାତାରେ ତାର ନାମ ଅଛି ।

ଅନେକ ଭବିଚନ୍ତି ସେ ହତ୍ୟାର ପ୍ରଣାଳୀ ଆବିଷ୍କାର କଲେ । ଗୋଟିଏ ଔଷଧ କମ୍ପାନୀର ଜଣେ କର୍ମଚାରୀଙ୍କୁ ହାତ କରି "ସର୍ପ ଗରଳ" ସଂଗ୍ରହ କରି ତାହା ସୁସ୍ଥ ଲୋକ ଦେହରେ ଇଞ୍ଜେକ୍ସନ ଦେବା ଲାଗି ସ୍ଥିର କରି ଅନାଦି ସାହାଯ୍ୟରେ ନିରୀହ ଲୋକମାନଙ୍କୁ ଭୁଲାଇ ଆଣି ଅତର୍କିତ ଅବସ୍ଥାରେ କ୍ଲୋରଫର୍ମଦ୍ୱାରା ଅଜ୍ଞାନ କରାଇ ପରେ "ସର୍ପ ଗରଳ" ଇନ୍‌ଜେକ୍ଟ କରି ସେମାନଙ୍କର ମୃତ୍ୟୁଯନ୍ତ୍ରଣାର ଅଭିବ୍ୟକ୍ତିକୁ ଚିତ୍ରରେ ପରିସ୍ଫୁଟ କରାଇଲେ । ସେହି ଚିତ୍ର ଯେତେବେଳେ ପ୍ରଦର୍ଶନୀକୁ ଆସେ ଚିତ୍ରକରର ପ୍ରତିଭାରେ ପଞ୍ଚମୁଖ ହୋଇ ଉଠନ୍ତି ଦର୍ଶକଗଣ । ଫଳରେ ଚିତ୍ରର ମୂଲ୍ୟ ବଢ଼ିଯାଏ ଓ ଦେଶ ବିଦେଶରୁ ଅଭିନନ୍ଦନ ସହ ଚିତ୍ର ପଠାଇବା ଲାଗି ଅର୍ଡ଼ର ଆସେ ।

ସର୍ବ ମୋଟ ତେରଟି ଚିତ୍ର ନିର୍ମାଣ କରି ସେ ଲକ୍ଷାଧିକ ଟଙ୍କା ପାଇଛନ୍ତି ଓ ସେଗୁଡ଼ିକର ଅଭିବ୍ୟକ୍ତିର ପରିସ୍ଫୁଟନରେ ହୋଇଛି "ସର୍ପ ଗରଳ"ରେ ବ୍ୟଥିତ ନିରୀହ ବ୍ୟକ୍ତିଙ୍କର ଜୀବନ ନାଟ୍ୟ । ନିଜ ମୁହଁରେ ବିନୋଦବାବୁ ପୁଲିସ ଆଗରେ ଏହା ସବୁ ସ୍ୱୀକାର କରିଛନ୍ତି ।

ତାଙ୍କର ଏହି ଅବୋଧ ବାଣିଜ୍ୟ କିପରି ବାଧାପ୍ରାପ୍ତ ହେଲା ସେଇ କଥା ବର୍ତ୍ତମାନ ଲେଖୁଛି ।

ପାପ କେବେ ଲୁଚି ରହେନା । କ୍ରାଇମ ଡଜ୍ ନଟ୍ ପେ । ବିନୋଦବାବୁଙ୍କର ଅବାଧ ବାଣିଜ୍ୟର ଯବନିକା ଧୀରେ ଧୀରେ ପତନୋନ୍ମୁଖ ହେଲା । ଏହି ପତନର ମୂଳକାରଣ ମୁଁ । ଅର୍ଥାତ ମୁଁ ଏହି ରହସ୍ୟ ଉଦ୍‌ଘାଟନ କରିଥିଲି । ପ୍ରାୟ ଯେତେଗୁଡ଼ିଏ ପ୍ରଦର୍ଶନୀକୁ

ଅନବଦ୍ୟ ସାହିତ୍ୟ ସମ୍ଭାର !

ଦୁନଆର ଦାଉ	କାହ୍ନୁଚରଣ	୪-୮୦
ମାନସୀ	ଯତୀନ୍ଦ୍ର କୁମାର ଦାସ	୨ ୨୫
ଏ ଜନ୍ମର ଇତିହାସ	,,	୧-୫୦
ମନର ମୟୂର	,,	୨-୦୦
ଜନରବ	,,	୨-୦୦
ଭାନୁମତୀ	,,	୨-୦୦
ପଛକଥା ଭୁଲିହୁଏନା	ଗୋପୀନାଥ ବେହେରା	୪-୫୦
ଧୂସର ମାଟି ସବୁଜ ଶସ୍ୟ	ରଘୁନାଥ ମହାପାତ୍ର	୧-୬୨
ଇନ୍ଦ୍ରଜାଲ	ଗିରିଧାରୀ ମହାରଣା	୨-୦୦
ଝରା ଫୁଲ (ନାଟକ)	,,	୨-୭୫
ଗରବ ,,	ଭଞ୍ଜକିଶୋର	୨-୨୦
ଆଲୋକ ,,	,,	୩-୦୦
ଭୁଠ ପଥର ,,	ଭୁବନେଶ୍ୱର ମହାପାତ୍ର	୨-୨୫
ସମର ଭୈରବୀ ମୀରା	ଯୋଗେନ୍ଦ କୁମାର ମହାନ୍ତି	୩-୦୦
ମରୁଭୂମିର ଭୂତ	,,	୦-୭୫
ସଇତାନର ବଧୂଷିକା	,,	୦-୭୫
ସି· ଆଇ: ଡ଼ି	କନ୍ଦୁରିଚରଣ ଦାସ	୧-୭୫
ଅଶରୀରୀର କାରସାଦ	,,	୨-୬୨
ମୃତ୍ୟୁର ପଦଧ୍ୱନି	,,	୧-୭୫
ଛିନ୍ନ ମେଘ	ଗୋବିନ୍ଦ ମିଶ୍ର	୧-୨୫
ବରଫ ଦେଶର କନ୍ୟା	ମଙ୍ଗୁଳି ଚରଣ ବିଶ୍ୱାଳ	୧-୭୫
ଶେଷ ବସନ୍ତ	ବିଭୂତି ପଟ୍ଟନାୟକ	୨-୦୦

ସାହିତ୍ୟ ସଂସାର, ବାଙ୍କାବଜାର, କଟକ—୨

ତାଙ୍କର ଚିତ୍ର ଯାଇଥିଲା ସବୁଗୁଡ଼ିକ ପୁରସ୍କୃତ ହୋଇଥିଲା ବୋଲି ସମ୍ବାଦପତ୍ରରେ ଦେଖିଥିଲି ଏବଂ ପ୍ରତ୍ୟେକ ଚିତ୍ରର ଫଟୋ ମଧ୍ୟ ସମ୍ବାଦପତ୍ରରେ ଦେଖିଥିଲି । ମନେ ମନେ ଶିଳ୍ପୀ ପ୍ରତି ଶ୍ରଦ୍ଧା ମଧ୍ୟ ଜନ୍ମିଥିଲା । କିନ୍ତୁ ମୁଁ ସେତେବେଳେ ବୁଝିପାରିଥିଲି ଯେ ଶିଳ୍ପୀ ବିନୋଦବାବୁ କେଉଁ ପ୍ରେରଣା ବଳରେ ମର୍ମସ୍ପର୍ଶୀ ଦୃଶ୍ୟର ଅବତାରଣା କରୁଛନ୍ତି ।

ସେଦିନଟି ମୋର ବେଶ୍ ମନେ ଅଛି । ଗୋଟାଏ ତଦନ୍ତ ପାଇଁ ମୁଁ କିଛିଦିନ ଗାଁରେ ଅଟକି ଯାଇଥିଲି, ପ୍ରାୟ ପାଞ୍ଚ ଛଅ ବର୍ଷ ହେବ । ସେତେବେଳକୁ ଇଆଡ଼େ ଦଶ ବାରଟା ଖୁନ୍ ହୋଇ ଗଲାଣି । ଖବର କାଗଜରେ ଦେଖେ, କିନ୍ତୁ ଫେରି ଆସିବାର ଉପାୟ ନଥାଏ । ଏପରି ଜଞ୍ଜାଳରେ ପଡ଼ିଥାଏ ଯେ ଏଠାରେ ଏତେଗୁଡ଼ାଏ ଖୁନ ହୋଇ ଯାଉଛି, ଅଥଚ ପୁଲିସ କିଛି କରିପାରୁ ନାହିଁ, ଏହା ଭାବିଲାବେଳକୁ ମୁଣ୍ଡ ମୋର ଗୋଳମାଳ ହୋଇଆସେ । ସେଠାକାର କାର୍ଯ୍ୟ ଶେଷ କରି ଏଠାରେ ଗୋଡ଼ ଦେବା ସଙ୍ଗେ ସଙ୍ଗେ ଷ୍ଟେସନ ଠାରେ ମୋର ବନ୍ଧୁ ଲାଲବାଗ ଥାନାର ଅଫିସର ଇନ୍-ଚାର୍ଜ ମଦନବାବୁଙ୍କ ସହିତ ଦୈବାତ ଦେଖା ହୋଇଗଲା ।

ତାଙ୍କ ପାଖରୁ ଖୁନ ସମ୍ବନ୍ଧରେ ତଦନ୍ତଧାରା ଓ ଅକୃତକାର୍ଯ୍ୟତାର ବିବରଣୀ ଶୁଣି କିଛି ସମୟ ନୀରବରେ ଚିନ୍ତା କରିବାକୁ ଲାଗିଲି । ମୃତ ବ୍ୟକ୍ତିମାନଙ୍କର ଫଟୋ ମଦନବାବୁ ଦେଖାଇଲେ । ତେରଟି ମୃତବ୍ୟକ୍ତିର ଆଲୋକ ଚିତ୍ର । ଅଦ୍ଭୁତ ଯନ୍ତ୍ରଣାକାତର ଅଭିବ୍ୟକ୍ତି ପ୍ରତ୍ୟେକଙ୍କର ମୁଖରେ ପ୍ରକଟ ହୋଇ ଉଠୁଥାଏ । ହଠାତରେ ଗୋଟାଏ ସମ୍ଭାବନା ଅନ୍ତରର ଅନ୍ତରତମ ପ୍ରଦେଶରୁ ଉଙ୍କି ମାରି ମୋତେ ଅସ୍ଥିର କରି ଦେଲା । ଠିକ୍ ଏହିରି ଯନ୍ତ୍ରଣା-

ଚିରପ୍ରିୟ ଉପନ୍ୟାସମାଳା !

ଶତ୍ରୁଶୈର	ଭୁବନେଶ୍ୱର ମହାପାତ୍ର	୧-୭୫
କାନ୍ତା	ଶ୍ରୀନିବାସ ଉଦ୍‌ଗାତା	୧-୫୦
ଶତ୍ରୁ ଶିବିର	ମହାପାତ୍ର ଯତୀନ୍ଦ୍ର କୁମାର	୨-୫୦
ଅଜ୍ଞାତ ବାସ	,,	୨-୦୦
ଦୁଇଧାର ରକ୍ତ (ଡି)	ଯୋଗେନ୍ଦ୍ର କୁମାର ମହାନ୍ତି	୧-୫୦
ଗିରିଗୁହାର ରକ୍ତତୃଷ୍ଣା (ଡି)	,,	୧-୫୦
ସୋହାଗ ସିନ୍ଦୁର	ଦିବାକର ବେହେରା	୧-୫୦
ଜନ୍ମଜନ୍ମର ସାଥି	,,	୧-୭୫
ସ୍ୱୟମ୍ବର	ଚିନ୍ତା ଦେବୀ	୧-୫୦
ଶୁଭ ବିବାହ	ଭାଗୀରଥି ନେପାକ	୧-୭୫
ଦେହ ଓ ଦେହାତୀତ	,,	୨-୨୫
ମନର ଅନ୍ତରାଳେ	ଯତୀନ୍ଦ୍ର କୁମାର ଦାସ	୧-୫୦
ଚନ୍ଦ୍ର ଓ କଳଙ୍କ	ରସାନନ୍ଦ ସାହୁ	୧-୫୦
ରହସ୍ୟମୟୀ (ଡି)	ସ୍ନେହପ୍ରଭା ଜେନା	୧-୫୦
ସୀମାନ୍ତ ଗୁମ୍ଫା	ଭୂପେନ ଗୋସ୍ୱାମୀ	୩-୦୦
ଏକ ଫୁଲ ଅନେକ ଭ୍ରମର	କୃଷନ ଚନ୍ଦର	୧-୫୦
ଶନଚଣ୍ଡ	ଭୂପେନ ଗୋସ୍ୱାମୀ	୧-୭୫
ଅପରାହ୍ନ	ଅଂଶୁମାନ ଦାସ	୧-୫୦
ଏକ ପଥ ଦୁଇ ନାରୀ	ମହେନ୍ଦ୍ର କୁମାର ବେହେରା	୨-୦୦
ଅତୃପ୍ତ ଆତ୍ମା	ପ୍ରଫୁଲ୍ଲ କୁମାର ରଥ	୨-୦୦
ପ୍ରେମ ଓ ଈର୍ଷା	,,	୨-୨୫

ମଳୟ ପ୍ରକାଶନୀ

ବାଙ୍କାବଜାର, କଟକ—୨

କାତର ମୁଖଗୁଡ଼ିକର ଅନୁରୂପ ଅଭିବ୍ୟକ୍ତି ମୁଁ ଶିଳ୍ପୀର ଅଙ୍କିତ ଚିତ୍ରରେ କେଉଁଠି ଦେଖିଛି ବୋଲି ମନେ ହେଲା ।

କେଉଁଠି ଦେଖିଛି ଓ କିଏ ସେଇ ଶିଳ୍ପୀ ଏହା ନିର୍ଦ୍ଧାରିତ କରିବା ପାଇଁ ମୋତେ ଏକ ସପ୍ତାହ ସମୟ ଲାଗିଥିଲା । ଶିଳ୍ପୀ ଓ ଶିଳ୍ପୀର ପ୍ରେରଣା ସମ୍ବନ୍ଧରେ ନିଃସନ୍ଦେହ ହୋଇ ମୁଁ ଗୋପନ ତଦନ୍ତ ଦ୍ୱାରା ରହସ୍ୟ ଏକପ୍ରକାର ସମାଧାନ କରି ଆଣିଥିଲି । କିନ୍ତୁ ଆଜି ଗୋଟିଏ ବିଷୟରେ ମୁଁ ନିଃସନ୍ଦେହ ହୋଇ ପାରିଲି ନାହିଁ । ସେହି ବିଷୟଟି ହେଉଛି, କେଉଁ ସ୍ଥାନରେ ଏ ହତ୍ୟାକାଣ୍ଡଗୁଡିକ ଅନୁଷ୍ଠିତ ହେଉଥିଲା । ଅନୁମାନ କରିଥିଲି ବିନୋଦବାବୁ ନିଜ ଘରେ ହତ୍ୟାକାଣ୍ଡ ସମ୍ପାଦନ କରି ଯନ୍ତ୍ରଣାକାତର ବ୍ୟକ୍ତିଗୁଡିକଙ୍କର ଷ୍ଟେଚ୍ ନେଇ ବିଭିନ୍ନ ସ୍ଥାନରେ ପକାଇ ଦେଇ ଆସୁଛନ୍ତି । କିନ୍ତୁ ତାଙ୍କ ଘର ସର୍ଚ୍ଚ କରିବା ଭଳି ଶକ୍ତି ମୋର କାହିଁ ? ସମାଜରେ ସୁପ୍ରତିଷ୍ଠିତ, ବିଭିନ୍ନ ଅନୁଷ୍ଠାନର କର୍ଣ୍ଣଧାର ବିନୋଦ ଦାସଙ୍କୁ ପୁଲିସ କମିଶନର ପର୍ଯ୍ୟନ୍ତ ସନ୍ଦେହ କଲେ ନାହିଁ, ବରଂ ମୁଁ ସନ୍ଦେହ କରିବା ଶୁଣି ସେ ମୋ କଥା ହସରେ ଉଡ଼ାଇ ଦେଲେ । କିଂକର୍ତ୍ତବ୍ୟ ଅତଃପର ।

ବାଧ ହୋଇ ମୋର ଜଣେ ପ୍ରଫେସର ବନ୍ଧୁଙ୍କ ସାହାଯ୍ୟରେ ତୁମ କଲେଜରେ ନାମ ଲେଖାଇଲି । ଉଦ୍ଦେଶ୍ୟ, ଯଦି କୌଣସି ପ୍ରକାରେ ତୁମ ଘରେ ପ୍ରବେଶ କରିବା ସୁଯୋଗ ଲାଭ କରେ ।

ମୋର ରୂପ ଯୋଗୁଁ ପ୍ରକୃତ ବୟସ ଅନୁମାନ କରି ହୁଏନା । ଯେ କେହି ଦେଖିଲେ ନବୀନ ଯୁବକ ବୋଲି ମନେ କରିବେ । ଏବଂ ଏହି ରୂପ ଯୋଗୁଁ ତୁମର ମୋର ଘନିଷ୍ଠତା ଦିନୁଦିନ ବଢ଼ିଗଲା ।

ଛଅ ମାସ ଭିତରେ ଆମେ ଅନେକ ଦୂର ଆଗେଇଥିଲୁ ।

ଭାନୁମତୀର ଦ୍ୱିତୀୟ ପର୍ବ

ଦିନେ ଅରଣ୍ୟର ଜୀବନ ଉପବନରେ ଫୁଟି ଯାଉଥିଲା ଫୁଟନ୍ତା କୁସୁମ, ଦିନେ ମଳୟରେ ଭାସୁଥିଲା ସୁଖର ସୁରଭି, ଦିନେ ତା ଜୀବନରେ କୋଇଲି ଡାକୁଥିଲା କୁହୁ, କୁହୁ !

ଅଥଚ କେଉଁ ଏକ ଅଦିନ ଝଡରେ ସେଇ ସୁନ୍ଦର ଉପବନ ଛାରଖାର ହୋଇଗଲା ।

ଆଉ କଣ ଫୁଟିଲା କୁସୁମ ? ଆଉ କଣ ମନ୍ଦ ମରୁତରେ ଖେଳି ଉଠିଲା ହସ ଉଛୁଳା ଫୁଲର ଗନ୍ଧ ? ଆଉ କଣ ଏ ଗନ୍ଧ ଲୁଟାଇ ଆସିଲା ଭାନୁ ? ଅରଣ୍ୟର ଜୀବନରେ ପୁଣି କଣ ଆସିଲା ଫାଲ୍‌ଗୁନ ?

ଯତୀନ୍ଦ୍ର କୁମାର ଦାସଙ୍କ

ଫାଲ୍‌ଗୁନର ଉପବନେ

ରେ ଦେଖନ୍ତୁ । ବହୁ ରଙ୍ଗର ଲୋଭନୀୟ ପ୍ରଚ୍ଛଦ ।

ଦୁଇ ଟଙ୍କା ମାତ୍ର

ଫରାସୀ ସାହିତ୍ୟର ଅମ୍ଲାନ ସ୍ୱାକ୍ଷର ପୃଥିବୀ ପ୍ରସିଦ୍ଧ ଅମର ଔପନ୍ୟାସିକ

ଭିକ୍‌ଟର ହ୍ୟୁଗୋଙ୍କ

ଗୋଟିଏ ମନସ୍ତାତ୍ତ୍ୱିକ ଶ୍ରେଷ୍ଠ ଉପନ୍ୟାସ

ଫାଶୀ

ଫାଶୀ ପାଇବାକୁ ଯାଉଥିବା ଜଣେ ଆସାମୀର ଅନ୍ତର୍ଦ୍ୱନ୍ଦର ବିଚିତ୍ର କାହାଣୀ । ଅନୁବାଦ କରିଛନ୍ତି ବିଶିଷ୍ଟ ଔପନ୍ୟାସିକ **ଯତୀନ୍ଦ୍ର କୁମାର ଦାସ** । ସାବଲୀଳ ଭାଷାର ଇନ୍ଦ୍ରଜାଲ ଓଡ଼ିଆ ଅନୁବାଦ ସାହିତ୍ୟରେ ଅନୁପମ । ମୂଲ୍ୟ—୧-୭୫

ସାହିତ୍ୟ ସଂସାର, ବାଙ୍କାବଜାର, କଟକ—୨

ଜନ୍ମଦିନ ଉତ୍ସବରେ ତୁମେ ମୋତେ ନିମନ୍ତ୍ରଣ କରି ଘରକୁ ନେଲ । ଏହି ସୁଯୋଗର ଅପେକ୍ଷାରେ ମୁଁ ବି ଥିଲି । ସମସ୍ତେ ଯେତେବେଳେ ଉତ୍ସବରେ ମତ୍ତ ଥିଲେ, ମୁଁ ରନ୍ଧଶାଳାରେ ପ୍ରବେଶ କରି ଅଲକ୍ଷିତରେ "ସର୍ପ ଗରଳ" ଓ ଆନୁସଙ୍ଗିକ ଉପକରଣଗୁଡ଼ିକ ଦେଖି ନିଃସନ୍ଦେହ ହେଲି ଯେ, ହତ୍ୟାପର୍ବ ଅନୁଷ୍ଠାନର ସ୍ଥାନ ଏହି ରନ୍ଧଗୃହ ।

ଅନାଦି ଓ ବିନୋଦଙ୍କ କଥାବାର୍ତ୍ତା ଅଲକ୍ଷ୍ୟରେ ଶୁଣି ବୁଝି ପାରିଲି, ବିନୋଦବାବୁ ମୋତେ ସୁଦୃଷ୍ଟିରେ ଦେଖିପାରୁ ନାହାନ୍ତି । ତାଙ୍କର କନ୍ୟା ପାଇଁ ମୁଁ ଅନୁପଯୁକ୍ତ ବୋଲି ମନେ କରୁଛନ୍ତି । ଆହୁରି ମଧ୍ୟ ଶୁଣି ପାରିଲି, ଅନାଦି କୌଣସି ଲୋକକୁ ଭୁଲାଇ ଏଠାକୁ ଆଣିପାରୁ ନାହିଁ···ସମସ୍ତେ ଯେଉଁଠି ଅପରିଚିତକୁ ଦେଖିଲେ ଭୟରେ ଆତଙ୍କିତ ହୋଇ ଯାଉଛନ୍ତି । ଏଣେ ଉଦୟପୁରର ଜମିଦାର ରନ୍ଧ ପାଇଁ ଅଗ୍ରୀମ ଦେଇ ସାରିଲେଣି ।

ଅତଏବ ଶିକାର ଯେତେବେଳେ ହାତରେ ଅଛି ଆଉ ତାଙ୍କର ଚିନ୍ତା କଣ ? ସନ୍ଧ୍ୟାବେଳେ ବଗିଚାରେ ବୁଲୁଛି, ହଠାତ୍

ମଳୟର ଆଗାମୀ ଆକର୍ଷଣ !

କେତୋଟି ସୁନିର୍ବାଚିତ ଉତ୍କୃଷ୍ଟ ଉପନ୍ୟାସ !

ସ୍ନେହ ବନ୍ଧ	ପି. ଦେବେନ୍ଦ୍ରନାଥ
ଚକୋରର ଅଶ୍ରୁ	ପରମେଶ୍ୱର ତ୍ରିପାଠୀ
ସ୍ମୃତି ବିସ୍ମୃତି	ଅନନ୍ତନାରାୟଣ ପଟ୍ଟନାୟକ
ମଧୁମାସ ହେଲା ଶେଷ	ରାଧାଗୋବିନ୍ଦ ପଟ୍ଟନାୟକ
ଧୀରେ ସମୀର	ଦିବାକର ବେହେରା
ସୀମାନ୍ତ ରକ୍ଷୀ	ରମେଶଚନ୍ଦ୍ର ପାଢ଼ୀ

କ୍ଲୋରଫର୍ମର ଗନ୍ଧ ପାଇ ପଛକୁ ଫେରି ଚାହିଁ ଭଲ ଭାବେ କିଛି ଦେଖିବା ପୂର୍ବରୁ କିଏ ଯେପରି ଜୋର୍ କରି କ୍ଲୋରଫର୍ମସିକ୍ତ ମେଞ୍ଚାଏ ତୁଳା ମୋର ନାକ ଉପରେ ଚାପି ଧରିଲା—ସଙ୍ଗେ ସଙ୍ଗେ ମୁଁ ଅଜ୍ଞାନ ହୋଇ ପଡ଼ିଲି ।

ମୋ ଉପରେ ବିପଦ ଯେ ଆସି ପଡ଼ିବ ଏହା ମୁଁ ପୂର୍ବରୁ ବୁଝି ପାରିଥିଲି । ସେଥିପାଇଁ ମୁଁ ପ୍ରସ୍ତୁତ ଥିଲି । ମଦନବାବୁ ଓ ବିକାଶବାବୁ ସବୁବେଳେ ମୋର ପାଖେ ପାଖେ ଥିଲେ । ତା’ ପରର ଘଟଣା ତୁମେ ସବୁ ଜାଣ ।

ତାହେଲେ ମୁଁ କିଏ; ଏହା ଜାଣିବା ପାଇଁ ତୁମର ନିଶ୍ଚୟ ଆଗ୍ରହ ହେଉଥିବ । ଅରୁଣ ମୋର କଳ୍ପିତ ନାମ । ମୋର ପ୍ରକୃତ ପରିଚୟ ଶୁଣି ସୁଖୀ ହେବ କି ନା ଜାଣେନା । ତଥାପି ପରିଚୟ ମୋତେ ଦେବାକୁ ହେବ । ମୁଁ ଜଣେ ସୌଖୀନ ଗୁଇନ୍ଦା···ଗୁଇନ୍ଦା ଦେବେନ୍ଦ୍ର ବିଜୟର ନାମ ଶୁଣିଥିବ, ମୁଁ ସେହି ।

ପରିଶେଷରେ ଏତିକି ମୋର ଅନୁରୋଧ, ପ୍ରେମିକ ସାଜି ତୁମ ପ୍ରତି ଶିଷ୍ଟାଚାରର ବିରୁଦ୍ଧ ଯାହା କିଛି କରିଛି ସେଗୁଡ଼ିକ ଅଭିନୟ ବୋଲି ମନେ କରିବ । ମୃତ ଅତୀତକୁ ମନେ ପକାଇ ଆଉ କି ଲାଭ ?   ଇତି—ଦେବେନ୍ଦ୍ର ବିଜୟ···

ଚିଠି ଖଣ୍ଡିକ ପଢ଼ି ସାରି ସଂଯୁକ୍ତା ଥପ୍ କରି ଚେୟାରଟିରେ ବସି ପଡ଼ିଲା । ତାର ମନେହେଲା ତା’ ପରି ଅସହାୟ ବୋଧହୁଏ ଏ ସଂସାରରେ ଆଉ କେହି ନାହିଁ ।



କାରୁ ବାକୀ

କାହ୍ନୁ ଚରଣ

ମହେନ୍ଦ୍ର ପୂର୍ବ-ସାଗରକୁ ଚାହିଁଲେ । ତେଜୋଦୀପ୍ତ ସୂର୍ଯ୍ୟ ଆକାଶ ଉପରକୁ ଉଠି ଆସିଲେଣି । କୋମଳ କିରଣରେ ସମୁଦ୍ର ବକ୍ଷ ଉଜ୍ଜ୍ୱଳ ଦିଶିଲାଣି । ପ୍ରକୃତି ଆଜି ଗମ୍ଭୀର ଦିଶୁଛି । କେତେ ବୋଇତ ଦିଗ୍‌ବଳୟରୁ ତଳେ ଲୁଚି ଗଲେଣି । କେତେ ସମୁଦ୍ର ମଝିରେ ଉଜ୍ଜ୍ୱଳ ସୂର୍ଯ୍ୟ କିରଣରେ ସ୍ଥିର ଥିଲା ପରି ପ୍ରତୀୟମାନ ହେଉଛି । ଧୀରେ ଧୀରେ ଆକାର ଛୋଟ ହେଉଛି । ଏକମୁହାଁ ହୋଇ ସେମାନେ ଯାଉଛନ୍ତି । କେତେ ବୋଇତ ସମୀପ ଓ ପଲ୍ଲୀ-ପୁରର ନାଗରିକଙ୍କୁ କୋଳରେ ଧରି କେଉଁ ନୂତନ ଦେଶରେ ବସତି ସ୍ଥାପନ କରିବାକୁ ସମୁଦ୍ରବକ୍ଷରେ ପାଲ ମେଲି ଗତି କଲେଣି ।

ଯୁବକ ମହେନ୍ଦ୍ର ମୁଖ ଫେରାଇଲେ । ସମ୍ରାଟ ଅଶୋକ ମଧ୍ୟ ସେହି ସମୁଦ୍ର ଆଡ଼କୁ ଅନାଇଁଛନ୍ତି । ଦେଖୁଛନ୍ତି ସେମାନେ ଚାଲି ଯିବେ । କେବଳ ସମୀପ ନଗର କି ପଲ୍ଲୀ-ପୁରର ନାଗରିକ ନୁହନ୍ତି, ତୋଷଳି, ଇନ୍ଦ୍ରଦ୍ୟୁମ୍ନଙ୍କର ନୀଳାଚଳ, ଚାରିତ୍ର୍ୟ, ଦନ୍ତପୁର; କଳିଙ୍ଗ ନଗର, ସବୁ ନଗର ଓ ବନ୍ଦରର ନାଗରିକମାନେ । ସବୁ ସେ ଧ୍ୱଂସ କରାଇଛନ୍ତି । ସର୍ବତ୍ର ସେ ରକ୍ତର ନଦୀ ଛୁଟାଇଛନ୍ତି ।

ଗ୍ରୀସିୟ ଚଣ୍ଡ ସୈନ୍ୟ, ମିଶରୀୟ ମିଶ୍ର ସୈନ୍ୟ, ପାରସ ପିଶାଚ, ଶ୍ଳକ୍‌ସମ୍ ସୈନ୍ୟ ଓ ମାଗଧୀ ସୈନ୍ୟମାନେ; ପୁର, ପଲ୍ଲୀ, ପୋତାଶ୍ରୟ

ଲୁଣ୍ଠନ କରିଛନ୍ତି । ଏବେ ବି କରୁଛନ୍ତି । କେବଳ ରାଜନବରମାନ ନୁହେଁ, ସାଧବ ଓ ସାଧାରଣ ନାଗରିକମାନଙ୍କ ଗୃହ, ମନ୍ଦିର, ଜୈନ ପୀଠ, ବୌଦ୍ଧଶ୍ରମଣ ସବୁ ଲୁଣ୍ଠିତ ହୋଇଛି । ସମସ୍ତେ କଳିଙ୍ଗର ବିପୁଳ ଐଶ୍ୱର୍ଯ୍ୟର ଅଧିକାରୀ ହୋଇଛନ୍ତି । ଗଜ, ଅଶ୍ୱ, ହସ୍ତୀ, ରଥ ଓ ଶକଟମାନଙ୍କରେ ବୋଝାଇ କରି ତାଙ୍କର ଆଦେଶରେ କେତେ ସେନାପତି ଧନରତ୍ନ ନେଇ ପାଟଳି-ପୁତ୍ରର ପ୍ରଧାନ କୋଷାଧ୍ୟକ୍ଷଙ୍କୁ ବୁଝାଇ ଦେବାକୁ ଯାତ୍ରା କଲେଣି । କଳିଙ୍ଗର କେବଳ ଜନବଳ କ୍ଷୟ ହୋଇନାହିଁ, ଧନବଳ କ୍ଷୟ ହୋଇ ନାହିଁ, ମନବଳ ମଧ୍ୟ ଧ୍ୱଂସ ହୋଇଛି । ସେମାନେ ପଳାତକ ।

କାରୁବାକୀ, ଭୁବନ ମୋହିନୀ, ଲକ୍ଷ୍ମୀ, ସରସ୍ୱତୀ ଓ ଦୁର୍ଗାଙ୍କର ରୂପ, ଗୁଣ ଓ ଶକ୍ତିର ମିଶ୍ରଣର ପ୍ରତୀକ ଦେବୀ, କାରୁବାକୀ କାରାମୁକ୍ତ ହୋଇଛନ୍ତି । ସେ ବନ୍ଦିନୀ, ସେ ମାନସିକ ବନ୍ଧନ ମୁକ୍ତ । କୁମାର ଦେବ ଏଇ ପଲ୍ଲୀ-ପୁର ରଣ କ୍ଷେତ୍ରରେ ମୋଓର ଅସିରେ ନିହତ । ଅସି ତାଙ୍କର ବକ୍ଷ ଭେଦ କଲା । ମୋଓର ଆଦେଶରେ ତାଙ୍କର ମୃତଦେହକୁ ସାଗରବକ୍ଷରେ ନିକ୍ଷେପ କରାଗଲା । ସେ ନେଉନ୍ତୁ ଶୀତଳ ସମାଧି । ଜଳଚରମାନେ ତାଙ୍କର ଅସ୍ଥି; ମାଂସ ଭକ୍ଷଣ କରନ୍ତୁ । କାରୁବାକୀ ବନ୍ଧନ-ହୀନା । ଶିଶୁ ତୀବର ହୁଏତ ମୃତ । ତାହାହିଁ ପ୍ରକୃତରେ ହେବ ।

ଗର୍ବିତ କଳିଙ୍ଗ ପଦାନତ । ଯୁଦ୍ଧର ଅବସାନ ହୋଇଛି । କୁନାଲ ଜନନୀ ସ୍ୱର୍ଗପୁରରେ । କୁନାଲ ଏତେଦିନ ଯାଏ ମାତୃହୀନା ଥିଲେ । କଳିଙ୍ଗ ଯୁଦ୍ଧ ଜୟର ଗୋଟିଏ ଅମୂଲ୍ୟ ଉପହାର, ପାଇବ ମୋର ଶିଶୁ ପୁତ୍ର । ସେ ଫେରି ପାଇବ ନାହିଁ ତାର ଗର୍ଭଧାରିଣୀ

ଜନନୀଙ୍କ ସତ, ସେ ପାଇବ ମାତା, ସେ ପାଇବ ଧାତ୍ରୀ, ଶିକ୍ଷୟିତ୍ରୀ—କାରୁବାକୀ। ସେ ହେବ ମୋର ଦ୍ୱିତୀୟା ମହିଷୀ ! ହଁ, ଏହାହିଁ ହେବ ନ୍ୟାୟ। ଦେବତା ସନ୍ତୁଷ୍ଟ ହେବେ। ଜନତା ସନ୍ତୁଷ୍ଟ ହେବେ। ଯେ ହୋଇଥାନ୍ତେ କଳିଙ୍ଗର ରାଣୀ ସେ ହେବେ ସାରା ଭାରତର ରାଣୀ। ଯୁଦ୍ଧାବସାନ ପରେ ଏହାହିଁ ନ୍ୟାୟ, ଏହାହିଁ ସଙ୍ଗତ ହେବ।

ମହେନ୍ଦ୍ର ସମ୍ରାଟ ଅଶୋକଙ୍କର ଚିନ୍ତାକୁଳ ବ୍ୟଥିତ ମୁଖକୁ ଚାହିଁ ବ୍ୟସ୍ତ ହେଲେ। ମିତ୍ରା କୁନାଲର ହାତ ଧରି ଦମନଗିରିର ନିବିଡ଼ ଅରଣ୍ୟ ମଧ୍ୟରେ ପଡ଼ିଥିବା ପଥରେ ଧୀରେ ଧୀରେ ଆଗେଇ ଯାଉଛନ୍ତି। ଦୁଇ ଦଳ ଦେହରକ୍ଷୀ ସୈନକେ ଦୂରେଇ ଦୂରେଇ ପଛରେ ଚାଲିଛନ୍ତି। ସେମାନେ ଶିବିର ଆଡ଼କୁ ଯାଉଛନ୍ତି। ସେଇଠି ବନ୍ଦିନୀ ହୋଇଛନ୍ତି କଳିଙ୍ଗ ରାଣୀ କାରୁବାକୀ—ମହାରାଜାଙ୍କର ସ୍ୱପନ-ପ୍ରତିମା, କଳିଙ୍ଗ ଯୁଦ୍ଧର ପ୍ରଧାନ କାରଣ। ପ୍ରଧାନ ପ୍ରେରଣା।

ଚଣ୍ଡାଶୋକ, କାମୁକ ଅଶୋକ, ଦୁଇ ହଜାର ଦୁଇଶ ବର୍ଷ ପରେ, ଆଜ ଏଇ ନିର୍ଜନ ସନ୍ଧ୍ୟାରେ, ଶୀତଳବାୟୁ ମେଘମାଳ ତଳେ, ସାଗର ଶୀକରସିକ୍ତ ହୋଇ ହସି ହସିକା ମାଡ଼ି ଆସୁଛି ତୁହାକୁ ତୁହା, ଚିଲିକା ଋଦ୍ଧ ରବ୍ୱିକା ଅଟ୍ଟହାସ କରୁଛି ତୁମର ଅଭିଶପ୍ତ ଅନୁତପ୍ତ ଅଶରୀରୀ ପରିବ୍ୟାପ୍ତ ଆତ୍ମାକୁ ଆବୋରି। ସେଦିନ ସେହି ଦମନଗିରିର ନାସୀ ଉପରେ ତୁମର ବିଜୟୋଲ୍ଲାସିତ ମନ ଭିତରେ ସତି କୁନାଲ-ଜନନୀ ଉପହାସର ଝଞ୍ଜା ନିଶ୍ଚୟ ବୁହାଇ ଥିବେ। ତାଙ୍କର ପବିତ୍ର ଆତ୍ମାର ସ୍ମରଣିକା ଅନବରତ ତୁମର ଭାବନାରେ ତେଜ ତୋଳି ପଚାରିଥିବ, କାହିଁକି ଏ ଅପକାରିଁ ଅର୍ଜିଲ ପ୍ରାଣନାଥ ? ତୁମର ମନଗହନରେ ମୁଁ ଆସନ ପାତି ବସିଛି। ତୁମ ଚିନ୍ତାର ସ୍ୱରୂପ ମୁଁ ସ୍ପଷ୍ଟ ଦେଖିଛି, ରାକ୍ଷସୀ ପରି ଅତି ବିକଟାଳ ସେ ଚିନ୍ତା, ଅନ୍ଧ ଓ ବଧିର !

ଭଗବାନ ଶ୍ରୀରାମଚନ୍ଦ୍ର ସତୀ ପତ୍ନୀଙ୍କୁ ଉଦ୍ଧାର କରିବା ପାଇଁ ଯୁଦ୍ଧ କରି ନରବାନର ରାକ୍ଷସଙ୍କର ରକ୍ତରେ ଧରଣୀ ଭିଜାଇ ଥିଲେ । ଧର୍ମରାଜ ଯୁଧିଷ୍ଠିର ସତୀ-ପତ୍ନୀ ଦ୍ରୌପଦୀଙ୍କର ସମ୍ମାନ ଫେରାଇ ଆଣିବାକୁ , ମହାଭାରତ ଯୁଦ୍ଧରେ ଭାରତର କୋଟି କୋଟି ଯୋଦ୍ଧାଙ୍କର ମରଣର କାରଣ ହେଲେ । ଭଗବାନ ବୁଦ୍ଧ ମଣିଷ ଜାତିକୁ ଦୁଃଖ ଶୋକରୁ ପରିତ୍ରାଣ କରିବାକୁ, ବିଶ୍ୱମାନବର କଲ୍ୟାଣସାଧନ ପାଇଁ ପ୍ରିୟତମା ପତ୍ନୀ ସତୀ ଯଶୋଦାଙ୍କୁ-ଗ୍ରହ ଗୃହତ୍ୟାଗୀ ହୋଇଥିଲେ । ଅହିଂସାର ଅମର-ଅସିରେ ବିଶ୍ୱମାନବର ମହାଶତ୍ରୁ ହିଂସା ଦ୍ୱେଷ ଅନ୍ୟାୟ ଅଶାନ୍ତିକୁ ଛେଦନ କରି ସତ୍ୟ ସାମ୍ୟ ମୈତ୍ରୀର ରାଜ୍ୟ ସ୍ଥାପନା ପାଇଁ ଉପଦେଶ ଦେଇଥିଲେ ।

ତୁମେ କଳିଙ୍ଗ ଧ୍ୱଂସ କଲ କାମପ୍ରଣୋଦିତ ହୋଇ ? ଗୋଟିଏ ନାରୀ ପାଇଁ ? ସେ ନାରୀ ଅନ୍ୟର ପତ୍ନୀ, ସେ ନାରୀ ଜନନୀ, ସେ ନାରୀ ନଗର ଓ ଦେଶର ସମ୍ମାନ ରକ୍ଷା ପାଇଁ ଧରିଥିଲା ହାତରେ କରବାଳ, ଧରିଥିଲା କରାଳମୂର୍ତ୍ତି । ଆଖିରେ ତାର ଜଳୁଥିଲା ପ୍ରଳୟର ବହ୍ନି । ମହାସତୀ କୁମାର ଦାର ଶଅର ଜନନୀ କାରୁବାକୀ, ଯାହାକୁ ତୁମେ ଶିବିରରେ ବନ୍ଦିନୀ କରିଛ । ଯାହା ସ୍ମୃତିକୁ ପୁଣି ମନର ଅନ୍ଧାରି ଗହ୍ୱରରେ ବନ୍ଦିନୀ ରଖିଛ !

ଅଶୋକଙ୍କ ମୁଖରେ ବେଦନାର କାଳିମା ମହେନ୍ଦ୍ର ଲକ୍ଷ୍ୟ କଲେ । କେଉଁ ପ୍ରଳୟଙ୍କରୀ ଭାବନାର ଗତିକୁ ଅନ୍ୟ ଦିଗ୍‌ଗାମୀ କରିବାକୁ ସେ କହିଲେ, ଦେଖନ୍ତୁ ମହାରାଜ, ଅନନ୍ତ ଦୂରରେ ସମୁଦ୍ରବକ୍ଷରେ ଢେଉର ଶୀର୍ଷରେ ବରାଟକାୟ ବୋଇତ । ମାସ୍ତୁଲର ଶିଖରେ ହଲୁଛି ଯେଉଁ ସଫେଦ ପାଲ ତା ଦେହରେ ଲୋହିତ ଅକ୍ଷରରେ ଲେଖା ହୋଇଛି ।

ଅଶୋକ ପଚ୍ଛିଲେ, କଳିଙ୍ଗାଧିପତି ଖବର ଦେବ । ଅନତି ଦୂରରେ ଅନ୍ୟ ଗୋଟିଏ ଡଙ୍ଗର ପାଲରେ ଲେଖା ହୋଇଛି, ଧୀବର ପ୍ରମୁଖ ପଲ୍ଲେଇ କାରୁବକ ।

ମହାରାଜ ବିବ୍ରତ ହୋଇ ପଚାରିଲେ, କିଏ ସେମାନେ ମହେନ୍ଦ୍ର, ସେମାନଙ୍କୁ ଧରିହେବ ନାହିଁ ?

ଯୁବକ ମହେନ୍ଦ୍ର ଯୋଡ଼ହସ୍ତ ହେଲେ । ମୁଣ୍ଡ ନୋଇଁ କହିଲେ, ଭାଇ; ଆପଣ ନିଜର ଶକ୍ତିବଳରେ ସାରା ଭାରତର ରାଜଚକ୍ରବର୍ତ୍ତୀ ହୋଇପାରିଛନ୍ତି । କେବଳ ସବୁ ଦେଶର ରାଜା ମହାରାଜା ନୁହନ୍ତି, ପ୍ରଜା ମଧ୍ୟ ଆପଣଙ୍କର ନାମରେ ଭୟତ୍ରସ୍ତ, କିନ୍ତୁ ମୋ ପରି ନଗଣ୍ୟ ଉପରେ ଆପଣଙ୍କର ଅପାର କରୁଣା । ଆପଣ-ଙ୍କର ସେହି କରୁଣାର ସୁଯୋଗ ନେଇ ମୁଁ ସତ୍ୟ ପ୍ରକାଶ କରିବାକୁ ସାହସ କରିବ ?

ଅଶୋକ କରୁଣାର୍ଦ୍ର ନେତ୍ରରେ ମହେନ୍ଦ୍ରଙ୍କୁ ଚାହିଁଲେ । ତାଙ୍କର ହାତ ଧରି କହିଲେ, ମହେନ୍ଦ୍ର, ତୁ ସବୁ ବିଦ୍ୟାରେ ସୁପଣ୍ଡିତ । ଯେତେ ବଡ଼ ହେତେ ପରାକ୍ରମୀ ହେଲେ ମଧ୍ୟ ମଣିଷ ନିଜର କେଉଁ ଅଜଣା କୋଣରେ କାହା କାହା ପ୍ରତି କେଜାଣି କାହିଁ ଟିକିଏ ଦୁର୍ବଳତା ରହି ଯାଇଥାଏ । ତୋର ଏଇ ନିଷ୍ଠୁର ବାପର ମନରେ କେଉଁଠି କେଜାଣି, ଦୁଇଟି ବ୍ୟକ୍ତିଙ୍କ ପାଇଁ କୋମଳ ଦୁର୍ବଳତା ଲୁଚି ରହିଛି । ସେ ଦୁଇଟି କିଏ, ଦୁନିଆଁ ଜାଣେ । ତୁ କଣ ଜାଣୁ ନାହିଁ ?

ମହେନ୍ଦ୍ରଙ୍କର ମୁଖ ଆରକ୍ତ ହେଲା ।

ସମ୍ରାଟ ଅଶୋକ୍ ମହେନ୍ଦ୍ରଙ୍କର ହାତ ଧରି କହିଲେ, ଗୋଟିଏ ପାଖରେ ତୁ ମହେନ୍ଦ୍ର, ତେଜୋମୟ ସୂର୍ଯ୍ୟର ଆଲୋକ, ଆର ପାଖରେ ଅତି ଶୋଭନ ନିର୍ମଳ ପୂନେଇଁ ଜହ୍ନର ଶୀତଳ ଜ୍ୟୋତ୍ସ୍ନା, ସେ ମୋର ପ୍ରଜ୍ଞା ପରିପୂର୍ଣ୍ଣା ବିଚକ୍ଷଣା ମିତ୍ରା ।

ମହେନ୍ଦ୍ର ନିରୁତ୍ତର ।

ସମ୍ରାଟ ଗଦ୍ ଗଦ୍ କଣ୍ଠରେ କହିଲେ, ମହେନ୍ଦ୍ର, ମୁଁ ଶୁଣେ ନଶୁଣେ, ତୁ ତୋର ମନର କଠୋର ସତ୍ୟ ପ୍ରକାଶ କରିବାକୁ କେବେ ମୋର ଅନୁମତି ମାଗିନାହୁଁ । ଆଜି ତୋର ସତ୍ସାହସ ଟଳମଳ ହେଲା । ତୁ କଣ ଦୁର୍ବଳ ହୋଇଛୁ, ଅଥବା ଅନୁଭବ କରୁଛୁ ଆଗ ମୁଁ ଭାରତ ବିଜୟୀ ମହାରାଜ ସେଇଠୁ, ପଛେ ତୋର ଅଗ୍ରଜ ? କହ ମହେନ୍ଦ୍ର, ମନ ଖୋଲି କହ । ମୋର ପ୍ରଶ୍ନର ଉତ୍ତର ଦେ ।

ମହେନ୍ଦ୍ରଙ୍କର ମୁଖମଣ୍ଡଳରୁ ବ୍ରୀଡ଼ାର ବାଦଲ ବିଦୂରିତ ହେଲା । କାନରେ ବାଜୁଛି ଦମନଗିରିର ଅରଣ୍ୟ ଭିତରୁ, ଜନ୍ମଭୂମି ରଣକ୍ଷେତ୍ରରୁ ଆହତ ଓ ମୁମୂର୍ଷୁଙ୍କର ମିଶ୍ରିତ ଆର୍ତ୍ତଚିତ୍କାର । ନାକରେ ବାଜୁଛି ପଚା ରକ୍ତ ମାଂସର ଗନ୍ଧ । ସେ କହିଲେ, ଭାଇ, ଯୁଦ୍ଧର ଅବସାନ ହୋଇ ନାହିଁ । ପ୍ରାୟ ଦେଢ଼ଶ ବର୍ଷ ତଳେ ମଗଧରାଜ ମହାପଦ୍ମ ନନ୍ଦ କଳିଙ୍ଗ ବିଜୟ କରିଥିଲେ । ବିଜୟର ଅର୍ଥ—ରକ୍ତକ୍ଷୟ, ଜୀବନହାନି, ଗ୍ରାମନଗରଧ୍ୱଂସ, ଲୁଣ୍ଠନ, ଅତ୍ୟାଚାର । ମହାମତି ମହାପଦ୍ମନନ୍ଦ ଓ ତାଙ୍କର ପରବର୍ତ୍ତୀ ରାଜାମାନେ କଳିଙ୍ଗରେ ବହୁ ଲୋକହିତକର କାର୍ଯ୍ୟ କରାଇଥିଲେ । ତଥାପି, କଳିଙ୍ଗୀ ଯୁଦ୍ଧର ତାପ ଭୁଲିଲା ନାହିଁ । ସୁଯୋଗ ପାଇବାକ୍ଷଣି ପୁଣି ସେ ଉଠିଲା ଖରମ ବିକ୍ରମରେ । ହେଲା ସ୍ୱାଧୀନ । ସେ ଅଜେୟ । ସେ ଅପରାଜିତ ।

ଏ ଯୁଦ୍ଧର ଧ୍ୱଂସକର ପରିଣାମ କଳଙ୍କ ଭୁଲି ପାରିବ ନାହିଁ ମହାରାଜ, ଆଜି ନହେଲେ ଶତ ବର୍ଷ ପରେ ଦୁଇଶତ ବର୍ଷ କି ସହସ୍ର ବର୍ଷ ପରେ କଳଙ୍କ ଜାଗି ଉଠିବ, ରକ୍ତର ଋଣ ରକ୍ତରେ କି ସେ ପରିଶୋଧ ନେବ ମହାମନ୍ତ, ମାଟି ପଥରେ ଉପରେ ପାଦ ରଖି ମୁଁ ବିଜୟୀ ବୋଲି ଯେ ଆସ୍ଫାଳନ କରେ, ସମୟ ତାର ଆଗରେ ଆଇ ଏଇ ସାଗରର ଢେଉମାଳ ପରି ଉପହାସ କରେ । କହେ, ଏ ବିଜୟ ବିଜୟ ନୁହେଁ । ଯେ ମଣିଷର ହୃଦୟ ଜୟ କରି ପାରେ, ଯିଏ ମଣିଷର ମହାଶତ୍ରୁ ଅଜ୍ଞାନ, ମଣିଷର ମହାଶତ୍ରୁ ଅଜ୍ଞାନ, ମଣିଷର ଦୁଃଖ ଶୋକର କାରଣମାନଙ୍କୁ ନିଜର ଶକ୍ତି ସାମର୍ଥ୍ୟରେ ବିଜିତ କରେ, ସେମାନଙ୍କୁ ନିପାତ କରେ, ସେଇ ଯେ ବିଜୟୀ ବୀର । ସେ ଧନ୍ୟ । ସେ ଅମର ।

ତୁମେ ମୁକ୍ତିଲାଭ କଲ କାରୁବାକୀ । ଶୀତଳ ଚନ୍ଦ୍ରମା, ସପ୍ତମୀର ବଙ୍କିମ ଚନ୍ଦ୍ରମା ମଧ୍ୟ ଆକାଶରେ ଛୋଟ ଛୋଟ ଭାସିଲା ଜଳଦ ତଳେ ଲାଜସରମରେ କ୍ଷଣେ ଲୁଚି କ୍ଷଣେ ମୁହଁ ଘୋଡ଼ାଇ ଥାଏ । ସାଗରର ତରଙ୍ଗମାଳ ପଲ୍ଲି-ପୁରର ଧ୍ୱଂସ ସ୍ତୂପମାନଙ୍କ ତଳେ ଚାଲିକାର ଭୁଲିତା ପ୍ରାନ୍ତରେ ମଥା କୋଡ଼ି ଆକୁଳ ଚତ୍କାର କରୁଥାଏ । ପୂର୍ବସାଗରର ଦ୍ୱୀପମାନଙ୍କରୁ ଯେଉଁଠି କଳିଙ୍ଗୀ ବ୍ୟବସାୟ କରି, ବସତି ବସାଇ, ଛୋଟ ବଡ଼ ରାଜ୍ୟ ସ୍ଥାପି, ସୁଖ ଶାନ୍ତିରେ ନୀଳାଚଳନାଥଙ୍କର ସମତା ନୀତି ପ୍ରଚାର କରୁଥାଏ—ସେହି ଦେଶମାନଙ୍କରୁ ତୁହାଇ ତୁହାଇ, ହୁ ହୁ ମାଡ଼ି ଆସୁଥାଏ ବତାସ । ତୁମର ଆଜାନୁଲମ୍ବିତ ଆଲୁଳାୟିତ ରୁକ୍ଷ କେଶକୁ ଆନ୍ଦୋଳିତ କରି ସେହି ନିଷ୍ଠୁର ବତାସ ଉପହାସ କରୁଥାଏ ।

କୁଆଡ଼େ ଯାଉଛ ପାଗଳୀ କାରୁବାକୀ ? କଅଣ ଦେଖୁଛ ? କଅଣ ଶୁଣୁଛ ? କଅଣ ଅନୁଭବ କରୁଛ ? କି ଭାବନା ତୁମର

ଯାଖ୍ ସଲଭ କୋମଳ ମଥିତ ମନରେ ଉତ୍ତାଳ ତରଙ୍ଗ ତୋଳିଛି ? ତୁମର ଅମଳ କମଳ ଆନନରେ ବ୍ୟଥାର କାଳିମା ବୋଳିଛି ? ପୁର-ପଲ୍ଲି ଓ ସମୀପ ନଗରର ଧ୍ୱଂସସ୍ତୂପ, ଦୂର ପଲ୍ଲୀର କ୍ଷତ ବିକ୍ଷତ ପ୍ରେତ ରୂପ, ବ୍ରାହ୍ମଣର ଦେବାଳୟର ଭଗ୍ନସ୍ତୂପ ଭିତରୁ ଶୁଭ ଶଙ୍ଖର ଶବଦ ଶୁଭୁ ନାହିଁ, ଜ୍ଞାନର ଧର୍ମପୀଠରୁ ଅହିଂସାର ମନ୍ତ୍ର ଶୁଭୁ ନାହିଁ । ସେ ମିଶିଛି ମାଟିରେ । ବୌଦ୍ଧର ଶ୍ରମଣରୁ ସମତା ଓ ନମ୍ରତାର ବାଣୀ ଶୁଭୁ ନାହିଁ । ସେ ହୋଇଛି ପାଉଁଶ । ସବୁ ଦେବା ଦେବୀ ନଷ୍ଟ ହିନ୍ଦୁ ।

କାନରେ ବାଜୁଛି ଶୃଗାଳପଲର ଅଟ୍ଟହାସ୍ୟ; ଆଉ ତାଆର ସାଥିରେ ଆର୍ତ୍ତ ଓ ମୁମୂର୍ଷୁଙ୍କର କରୁଣ ଆକାଶଫଟା କ୍ରନ୍ଦନର ରୋଳ । ନାକରେ ପଶୁଛି ମଣିଷର ଅମୂଲ୍ୟ ଦେହର ସଢ଼ା ଗନ୍ଧ । ଧୀରେ, ଅତି ଧୀରେ ଚାଲ କାରୁବାକୀ, ତୁମର ମୃତ ପ୍ରଜା-ପୁତ୍ରର ଦେହରେ ବାଜିବ ଚରଣ । ସେମାନେ ଜାତିର ଟେକ ରଖିବାକୁ ମରଣ ବରଣ କରିଛନ୍ତି । ତୁମର ଆଖିରେ ଲୋତକ ନାହିଁ ତ ! ହୃଦୟ କଅଣ ପଥର ହୋଇଛି ?

କାହା ଦେହ ଝୁଣ୍ଟି ଟଳି ଟଳି ଅଟକି ଗଲ ଦେବୀ; ତୀକ୍ଷ୍ଣ ଦୃଷ୍ଟିରେ ଧରଣୀକୁ ଚାହିଁ କି ଅମୂଲ୍ୟ ମଣି ଥରଥର ହାତରେ ଗୋଟାଇ ଧରିଲ ? ପାଞ୍ଚ ସାତ ବର୍ଷର ଉଲଗ୍ନ କୋମଳ ଶିଶୁ ପୁତ୍ରଟିଏ । ଗୁନ୍ତରେ କ୍ଷତ, ଅସିର ଦାଗ, ପିଠି ଫୁଟିଛି । ରକ୍ତ-ସିକ୍ତ ଶିଶୁର ଦେହ ଆକୁଳ ଚିତ୍କାର କରି ଉଠିଲା । ଗୁନ୍ତରେ ତାକ ଶୀତଳ ମୁଖରେ ଚୁମ୍ବନର ଅଜସ୍ର ଧାରା ଅଜାଡ଼ି ଦେଲ । ଆହା ସ୍ୱର ମୁଖରୁ ସ୍ଫୁରିଲା । ଦୁଇ ଚକ୍ଷୁରୁ ଲୋତକଧାର ଝରିଲା । କେତେ ଶିଶୁକଳିକା ଅକାଳରେ ବୃନ୍ତଚ୍ୟୁତ ହୋଇ ଚଣ୍ଡାଶୋକର ପ୍ରଳୟ ନିଃଶ୍ୱାସରେ କାହିଁ କେଉଁଣେ ନିକ୍ଷିପ୍ତ ହୋଇଛନ୍ତି ।

ଦେବୀ କାରୁବାକୀ, ସେଇ ଶିଶୁ ପୁତ୍ରର ରକ୍ତାକ୍ତ ଅଚଳ ଦେହକୁ କୋଳରେ ଧରି ସେଇ କାନ୍ତାରର ପ୍ରାନ୍ତରେ ଉପବିଷ୍ଟ ହେଲ । ତୁମର ମାତୃତ୍ୱର ଅବରୁଦ୍ଧ ଦ୍ୱାର ଆବେଗର ଅର୍ଜିତ ମୁଷ୍ଟିର ଆଘାତରେ ଉନ୍ମୋଚିତ ହେଲା । ତୁମେ ଭୁଲିଗଲ ଯେ ତୁମେ ମହାଧୀବର କୈବର୍ତ୍ତ ପ୍ରବର ଉତ୍କଳ ପଲେଇଙ୍କ ସର୍ବଗୁଣସମ୍ପନ୍ନା ଭୁବନମୋହିନୀ କନ୍ୟା । ତୁମେ ପାଶୋରିଗଲ ଯେ ତୁମେ ଧାର୍ମିକ ମହାରାଜ ଖପିଙ୍ଗଳ ଦେବଙ୍କର କୁଳବଧୂ । ତୁମେ ବିସ୍ମରିଗଲ ଯେ ତୁମେ ବୀରଶ୍ରେଷ୍ଠ କୁମାର ଦେବଙ୍କର ବୀର ପତ୍ନୀ, କଳିଙ୍ଗର ଯୁବରାଜ୍ଞୀ ।

ସେହି ନିର୍ଜନ କାନ୍ତାରରେ ଶୀତଳ ଜ୍ୟୋତ୍ସ୍ନାର ଆଲୋକରେ, ଭାସିଲା ମେଘମାଳାର ଛାୟା ତଳେ ଶିଶୁର ଅଚଳ ଦେହଟି ଛାତିରେ ଧରି ତୁମେ ମାତୃତ୍ୱର ସର୍ବବ୍ୟାପୀ ସୋହାଗ ସାଗରରେ ନିମଜ୍ଜିତ ହେଲ, ରୋଦନ କଲ, ଅଭିଶାପ ଦେଲ ଚଣ୍ଡାଶୋକକୁ ଯିଏ ଶିଶୁର ପ୍ରାଣ ନେବାକୁ ବି କୁଣ୍ଠିତ ହୋଇ ନାହିଁ ।

ଦେଖ କାରୁବାକୀ—ତୁମେ ପ୍ରକୃତିସ୍ଥ ହୋଇ କଣ୍ଡକୁ ଛୁଇଁଲ । ମୁଣ୍ଡ ନୁଆଁଇ ତୁମେ ପ୍ରଣତ ହେଲ । ଶିଶୁର ଶବକୁ ଛାତିରେ ଧରି ଠିଆ ହେଲ । ଛାତିର କୋହରେ ବ୍ୟଥାଭରା ଭାଷାରେ ଉତ୍ତର ଦେଲ । ମୋଓରି ମୋଓରେ ଗୁରୁଦେବ, ଚଣ୍ଡାଶୋକର କେଉଁ ନିର୍ଦ୍ଦୟ ସୈନିକ ମୋର ଏଇ ଶିଶୁକୁ ଅସି ବଧ କରି ମାରିଛି । କୋମଳମତି ସରଳ ବାଳକ କି ଅପରାଧ କାହାର କରିଥିଲା ?

ଧୈର୍ଯ୍ୟଧର କାରୁବାକୀ । ତୁମର ପୁତ୍ର ତୀବର ତୁମର ସାନ ଭାଇ କୁରୁବକ ଦନ୍ତି-ପୁରର ନାଗରିକ ଓ ବଣିକମାନଙ୍କ ସଙ୍ଗରେ ବୋଇତରେ ବସି ଦରିଆପାରି ଦେଶମାନଙ୍କୁ ଚାଲି ଯାଇଛନ୍ତି । ତୀବର ନିରାପଦରେ ଅଛି । ଯୁଦ୍ଧ କ୍ଷେତ୍ରରେ ତାର ମରଣ ଖବର ମନ୍ତ୍ରୀ ରତ ଗୁପ୍ତ ତୁମ ପାଖକୁ କାହିଁକି ପଠାଇଥିଲେ ତୁମେ ଜାଣ । ସଂଘମିତ୍ରା ତୁମକୁ ମୁକ୍ତ ଦେଲବେଳେ ଶିବିରରେ ସବୁ କହିଥିଲେ ।

ଏଇ ମୋର ତୀବର ଗୁରୁଦେବ । ବିଜିତା ହେଲେ ମଧ୍ୟ ମୁଁ କଳିଙ୍ଗର ରାଣୀ । ସବୁ ଶିଶୁ ମୋର ସନ୍ତାନ, କପରି ସହିବ ଏ ବ୍ୟଥା ? ଗୁରୁଦେବ, ଲକ୍ଷ ଲକ୍ଷ ଲୋକଙ୍କର ଜୀବନତ ନେଇଛନ୍ତି ଚଣ୍ଡାଶୋକ, ମୋର ଏଇ ଗୋଟିଏ ଶିଶୁର ପ୍ରାଣ ସେ ଫେରାଇ ଆଣି ପାରିବେ ? ତୁମେ ଫେରାଇ ପାରିବ, ମୋର ଜୀବନର ବିନିମୟରେ ?

ଶିଶୁର ମୁକ୍ତ ଆତ୍ମା, ନିଷ୍ପାପ, ନିଷ୍କଳଙ୍କ ଆତ୍ମା ଆଉ ଫେରିବ ନାହିଁ । ତୁମର ମନ ସଂକୀର୍ଣ୍ଣ କରନାହିଁ ଦେବୀ, ତୁମେ କେବଳ କଳିଙ୍ଗ-ଶିଶୁଙ୍କର ଜନନୀ ନୁହଁ, ତୁମେ ସାରା ବିଶ୍ୱର ସବୁ ଶିଶୁଙ୍କର

ଜନନୀ । ଏ ଦୁନିଆରେ ଯଶ-କାମୀ ରାଜା ମହାରାଜାମାନେ ବଞ୍ଚିଥିବା ଯାଏ, ପୁଣି ମଣିଷର ଐନ୍ଦ୍ରିକ ସୁଖବାସନା ଥିବାଯାଏ ଏ ଦୁନିଆରେ ହିଂସା ପରିପୂର୍ଣ୍ଣ ହୋଇ ରହିଥିବ । ଯୁଦ୍ଧ ଓ ଜନଜନିତ ଧ୍ୱଂସର ଲୀଳା ଲାଗି ରହିଥିବ । ଏକମାତ୍ର ଅହିଂସାରେ ହିଁ ବିଶ୍ୱରେ ସୁଖ ଶାନ୍ତି ସମ୍ଭବ ପାରିବ । କିପରି ଏହା ସମ୍ଭବ ହେବ ? କିପରି ?

ତୁମେ ଜାଣ କାରୁବାକୀ, ପଦ ଓ ଐଶ୍ୱର୍ଯ୍ୟର ମୋହରେ ତୁମେ ଭୁଲି ଯାଇଥିଲ । ବୁଦ୍ଧଦେବଙ୍କର ଅହିଂସା ଧର୍ମ ଓ ସାମ୍ୟ ମୈତ୍ରୀ ଯଦି କଳିଙ୍ଗରେ ପ୍ରଚଳିତ ହୋଇଥାନ୍ତା, କୈବର୍ତ୍ତ ନନ୍ଦିନୀ କାରୁବାକୀ କଳିଙ୍ଗର ଯୁବରାଜ୍ଞୀ ହୋଇ କୁମାର ଦେବଙ୍କୁ ଯଦି ବୌଦ୍ଧଧର୍ମରେ ଦୀକ୍ଷିତ କରି ପାରିଥାନ୍ତେ, ନିଜେ ଯଦି ବୌଦ୍ଧ ଭିକ୍ଷୁଣୀ ହୋଇ କଳିଙ୍ଗର ମହାରାଣୀ ହୋଇଥାନ୍ତେ, ତେବେ ଚଣ୍ଡାଶୋକ କଳିଙ୍ଗ ଆକ୍ରମଣ କରି ନଥାନ୍ତେ ।

କାହିଁକି ?

ତୁମକୁ ତ ଅବିଦିତ ନଥିବ କାରୁବାକୀ ! ରାଜ୍ୟ, ଧନ, ଯଶଃ ପାଇଁ ଅଶୋକ କଳିଙ୍ଗ ଆକ୍ରମଣ କରି ନାହାନ୍ତି । ଏଥିପାଇଁ ରାଧା-ଗୁପ୍ତ ମନ୍ତ୍ରୀଙ୍କର ଉପଦେଶ ଅଶୋକ ବହୁବାର ଏଡ଼ାଇ ଦେଇଥିଲେ । ଦେବୀ କାରୁବାକୀ, କାହିଁକି ଅଶୋକ କଳିଙ୍ଗ ଆକ୍ରମଣ କଲେ ତୁମକୁ ଅଜଣା ନଥିବ । ତୁମର ଅପ୍‌ସରା ନିନ୍ଦି ରୂପ ଓ ତୁମର ବିଦ୍ୟା ବୁଦ୍ଧି, ଶକ୍ତି ତାଙ୍କୁ କଳିଙ୍ଗ ଆକ୍ରମଣ କରିବାକୁ ପ୍ରେରଣା ଯୋଗାଇ ଥିଲା । ଦେବୀ, ତୁମର ରୂପାନଳରେ ଲକ୍ଷ ଲକ୍ଷ ଲୋକଙ୍କୁ ଚଣ୍ଡାଶୋକ ଆହୁତି ଦେଇଛନ୍ତି ।

ଗୁରୁଦେବ, ମୁଁ ଅନ୍ୟର ପତ୍ନୀ, ମୁଁ ଜନନୀ—

ସବୁ ସେ ଜାଣନ୍ତି ମାତା, ରୂପଲୋଭୀର ହିତାହିତ ଜ୍ଞାନ କାମାନଳର ଜ୍ୱଳନରେ ଛଟପଟ ହୋଇ ଅର୍ଦ୍ଧମୃତ ହୋଇପଡ଼ିଥାଏ । ଅଶୋକଙ୍କର

ପ୍ରମୋଦ ଉଦ୍ୟାନରେ ବହୁ ଦେଶର ବହୁ ଲଳନା-କୁସୁମ ରୂପ-ଯୌବନରେ ଶୋଭାରେ ବିକଶିତ । ସେମାନଙ୍କ ମଧ୍ୟରୁ କେତେ ମନୋହାରିଣୀ ଅଶୋକ ବୃକ୍ଷକୁ ଉପହାସ କଲେ ବୋଲି ସେମାନଙ୍କୁ ଜ୍ୱଳନ୍ତ ଅନଳରେ ଅଶୋକ ଦଗ୍ଧ କରାଇଲେ ବୋଲି ଜନରବ ଶୁଣାଯାଏ । ରୂପଲୋଭୀ ହେଲେ ମଧ୍ୟ ରୂପସୀର ଜୀବନ ପ୍ରତି ତାଙ୍କର ତିଳେମାତ୍ର ମମତା ନାହିଁ ।

ଅତି ନିଷ୍ଠୁର । ତାଙ୍କର ସୁନ୍ଦର ଦେହରେ କେଉଁ ନିର୍ମମ ରାକ୍ଷସର ପ୍ରେତାତ୍ମା ବାସ କରୁଛି ଗୁରୁଦେବ । ମୁଁ ଶୁଣିଛି ତାଙ୍କର ପାଟରାଣୀ କୁନାଳ ଜନନୀ, କେଉଁ ଦୁଃଖରେ କେଜାଣି, ପ୍ରାଣତ୍ୟାଗ କଲାବେଳେ ସେ ଟିକିଏ ହେଲେ ଦୁଃଖ କରି ନଥିଲେ ।

ସତ କଥା ଦେବୀ । ସେ ତୁମକୁ ମଧ୍ୟ ତାଙ୍କର ରାଜନବରରେ ମନୋହାରିଣୀର ସ୍ଥାନ ଦେବେ ।

ତୁମେ କାରୁବାକୀ, ନୈଶ ଆକାଶ ଥରାଇ ଉଚ୍ଚ ହାସ୍ୟ କରିଥିଲ । ସହସା ନୀରବ ହେଲ । ଶିଶୁର ମୃତ ଦେହଟିକୁ ଉପଗୁପ୍ତଙ୍କ ଆଗରେ ଭୂମିରେ ଶୁଆଇଲ । କହିଲ, ମୁଁ ମୁକ୍ତ । ଜୀବିତ ଥାଉଣୁ ଅଶୋକ ମୋର କେଶାଗ୍ର ସ୍ପର୍ଶ କରି ପାରିବେ ନାହିଁ । ସେ ମୋର ପ୍ରେତାତ୍ମାକୁ ତାଙ୍କର ଉପପତ୍ନୀ କରିବେ ।

ଦେବୀ ପ୍ରକୃତିସ୍ଥ ହୁଅ । ତୁମର ଚତୁର୍ଦ୍ଦିଗରେ ଅଶୋକଙ୍କର ସମସ୍ତ ସୈନିକେ ଦୂରରେ ଜଗି ରହିଛନ୍ତି । ତୁମେ ପଳାଇ ପାରିବ ନାହିଁ । ତୁମେ ପ୍ରାଣବଳି ଦେଇପାର, କିନ୍ତୁ ତାହାଦ୍ୱାରା ଚଣ୍ଡାଶୋକର କୌଣସି କ୍ଷତି ହେବନାହିଁ । ତାଙ୍କର କ୍ରୂର ପ୍ରକୃତି ପରିବର୍ତ୍ତିତ ହେବ ନାହିଁ । କଳିଙ୍ଗ ବିଜୟ ପରେ ସେ ପୁଣି ଅନ୍ୟ କେଉଁ ଦେଶ ଆକ୍ରମଣ କରିବେ । ସେ ଦେଶ ବି ଧ୍ୱଂସ ହେବ । ଲକ୍ଷ ଲକ୍ଷ ଆବାଳବୃଦ୍ଧ-ବନିତା ଜୀବନ ହାରିବେ । କେତେ ସୁଖର ସଂସାର ଧ୍ୱଂସ ହେବ

ସଙ୍ଗି, କେତେ ଅବଳାଙ୍କର ସମ୍ମାନ ନଷ୍ଟ ହେବ । ତୁମେ କଣ ଏହା ଚାହଁ ?

କାରୁବାକୀ ଚିନ୍ତିତ ହେଲେ ।

ଉପଗୁପ୍ତ କହିବାକୁ ଲାଗିଲେ, ତୁମେ ଜୀବନ ହାରିଲେ ତୁମର ଆତ୍ମଘାତି ଘାତକୀ ଆତ୍ମା ଅମୋକ୍ଷ ହୋଇ ପୁଣି ଏହି ଧରାବକ୍ଷରେ କେଉଁ ରୂପରେ ଜନ୍ମ ଲଭିବ କିଏ ଜାଣେ ? କିନ୍ତୁ ତୁମର ଏହି ଅପ୍‌ସରା ବିନିନ୍ଦିତ ସୁନ୍ଦର ଦେହର ପରିଣତି କଣ ହେବ ? ଏ ଦେହ ସଡ଼ି ପଚି କୀଟଙ୍କର ଆହାର ହେବ ଅଥବା ଶ୍ୱାନ ଶୃଗାଳଙ୍କର ଆହାର ହେବ କିମ୍ବା ଅନଳରେ ଜଳି ପାଉଁଶ ହେବ । ଦେବୀ, ତୁମର ପବିତ୍ର ଅମର ଆତ୍ମାକୁ ତୁମେ ମୋତେ ଅର୍ପଣ କରି ପାରିବ ? ସେ ଆତ୍ମା ନିର୍ବାଣପ୍ରାପ୍ତ ହେବା ପୂର୍ବରୁ ବିଶ୍ୱମାନବର କଲ୍ୟାଣ ପାଇଁ ମୁଁ ତାକୁ ଏହି ଜଡ଼ଜଗତରେ ଅଟକାଇ ରଖିବାକୁ ଚାହେଁ ।

ତୁମେ ଅଧୀର ଅସ୍ଥିର ହେଲ ଦେବୀ କାରୁବାକୀ । ତୁମେ ବିଚଳିତ ହୋଇ ଗୁରୁଆଡ଼କୁ ଚାହିଁଲ । ତୁମେ ଅନୁଭବ କଲ ଯେପରି ତୁମର ମୁକ୍ତ ଆତ୍ମା ତୁମର କ୍ଷଣଭଙ୍ଗୁର ଶରୀର ପିଞ୍ଜରା ଛାଡ଼ି ସାରା ବିଶ୍ୱରେ ବ୍ୟାପି ଯାଇଛି, ଅତୀନ୍ଦ୍ରିୟ ପରିବ୍ୟାପ୍ତ ନେତ୍ରରେ ବିଶ୍ୱ ମାନବର ଦୁଃଖ ଦୁର୍ଦ୍ଦଶା ଦେଖୁଛି, ଦେଖୁଛି ପଞ୍ଚେନ୍ଦ୍ରିୟର ବିକୃତ ପ୍ରକ୍ରିୟାର ବୀଭତ୍ସ ପରିଣାମ । ତୁମର ଲକ୍ଷ ଲକ୍ଷ ସନ୍ତାନ । ଯେଉଁମାନେ ଦେଶର ସମ୍ମାନ ରକ୍ଷା ପାଇଁ, ପୁଣି ଯେଉଁମାନେ ଚଣ୍ଡାଶୋକଙ୍କର ବିଜୟ, ଯଶଃ ଓ ସମ୍ମାନ ପାଇଁ ଅନ୍ୟ ମାନଙ୍କର ଜୀବନ ନେଇ ନିଜେ ଯୁଦ୍ଧ ଭୂମିରେ ଢଳି ପଡ଼ିଥିଲେ, ସେମାନଙ୍କର ବ୍ୟଥିତ ଅନୁତପ୍ତ ଅନନ୍ତ ଓ ଏକୀଭୂତ ଆତ୍ମା ତୁମର ପରିବ୍ୟାପ୍ତ ସତ୍ତାରେ ଓତଃପ୍ରୋତ ଭାବେ ବିଜଡ଼ିତ ହୋଇ ତୁମର ଭିତରେ କି ଅନୁନୟ କରିଥିଲେ ?

କ୍ଷଣଭଙ୍ଗୁର ଅଗଣନ ଦେହ ତୁମର ଶୃଗଆଡ଼େ ପଡ଼ି ସଡ଼ୁଛନ୍ତି କାରୁବାକୀ, ସେମାନଙ୍କର ମଧ୍ୟ ରୂପ ଯୌବନ ଥିଲା, ଦୁନିଆରେ ସୁଖ ଆନନ୍ଦ ଓ ସମ୍ମାନରେ ବଞ୍ଚି ରହିବାକୁ ଆଶା ଅଭିଳାଷ ଥିଲା । ସେମାନେ ନାହାନ୍ତି । ତୁମର ରୂପ ଯୌବନ ଓ ସବୁ ଦିନେ ହଜିଯିବ । ମହାରାଜ ଅଶୋକଙ୍କର ବି ସେଇଆ ହେବ ।

ଯେଉଁ କ୍ଷଣିକ ଝଟକଲା ରୂପର ମାୟା ବଶ୍ୟକର୍ତ୍ତୀ ତୁମର ସୁଗଠିତ ଦେହରେ ଲେପନ କରିଛନ୍ତି, ଯାହାର ବର୍ଣ୍ଣନା ଶୁଣି ରୂପଲୋଭୀ ମହାପ୍ରତାପୀ ଅଶୋକ କଳିଙ୍ଗ ଆକ୍ରମଣ କରି କଳିଙ୍ଗ ଧ୍ୱଂସ କରିଛନ୍ତି, ସେ ରୂପର ଆକର୍ଷଣୀ ବ୍ୟର୍ଥ କରନା ସଖି ଶିରୋମଣି ।

ସେ ରୂପର ମୋହିନୀ ଶକ୍ତିରେ ଚଣ୍ଡାଶୋକଙ୍କୁ ବନ୍ଧନ କର । ତାଙ୍କର ବିଚଳିତ ଅରଣ୍ୟ ପ୍ରକୃତିକୁ ଆୟତ୍ତ କର । ହସ୍ତର କରବାଳରେ ତୁମେ ତାଙ୍କୁ ଜୟ କରି ପାରିଲ ନାହିଁ ଜନନୀ, ଦୁଇ ହସ୍ତକୁ ଭୁଜଙ୍ଗିନୀ କର । ସେହି ଲମ୍ପଟ ଭୁଜଗ ଚଣ୍ଡାଶୋକଙ୍କୁ ବନ୍ଧନ କର । ଦଂଶନ କର । ନୟନର ତୀକ୍ଷ୍ଣ ନାରାଚରେ ତାଙ୍କର ନିର୍ଦ୍ଦୟ ହୃଦୟକୁ ବାରମ୍ବାର ବିଦ୍ଧ କର କୁମାର ପ୍ରେୟସୀ । ସେ ହୃଦୟରୁ ନିଃଶେଷ କରି ନିଗାଡ଼ି ଦିଅ ତାଂକର ପଞ୍ଚେନ୍ଦ୍ରିୟର ବିକୃତ ପ୍ରବୃତ୍ତିର ହଳାହଳ । ସେହି ହଳାହଳକୁ ତୁମେ ପାନ କର ।

ଜୀବର ଜନନୀ କାରୁବାକୀ, ଯେଉଁ ହସ୍ତରେ ସେ ତୁମର ସ୍ୱାମୀ ଦେବତା କୁମାର ଦେବଂକର ହୃଦୟ ବିଦ୍ଧ କରି ଲୋହିତରକ୍ତର ସ୍ରୋତ ଛୁଟାଇଥିଲେ, ସେ ହସ୍ତକୁ ଅଚଳ କର । ଅହିଂସାର ମହାମନ୍ତ୍ରରେ ଚଣ୍ଡାଶୋକଙ୍କୁ ଦୀକ୍ଷିତ କରି ଦେବୀ । ଅନ୍ତରର ସବୁ କ୍ରୂର କର୍ମକୁ ଇନ୍ଧନ କରି ଅଶୋକଂକର ମନଗହନରେ ଅନୁଶୋଚନାର ପ୍ରଳୟ

ହୁତାଶନ ପ୍ରଜ୍ୱଳିତ କର । ସେହି ଅନଳରେ ନିତ ତୁମେ ସ୍ନାନ କର ।

ଉପଗୁପ୍ତ ପଚାରିଲେ, କଅଣ ଚାହୁଁଛ କାରୁବାକୀ ?

ଗୁରୁଦେବ, ମୋର ଅବରୁଦ୍ଧ ଛଟପଟ ଈର୍ଷାବ୍ୟାକୁଳ ଆତ୍ମାକୁ ମୁଁ ଆପଣଙ୍କୁ ଅର୍ପଣ କରୁଛି । ତାକୁ ମୁକ୍ତକର ପ୍ରଭୁ ।

କାରୁବାକୀ ନତଜାନୁ ହେଲେ । ଉପଗୁପ୍ତଙ୍କର ପଦତଳେ ମୁଣ୍ଡ ଲଗାଇଲେ । ଭିକ୍ଷୁ ଉପଗୁପ୍ତ ତାଂକର ମସ୍ତକରେ ହସ୍ତ ସ୍ଥାପନ କଲେ । କହିଲେ ଗଦ୍ ଗଦ୍ କଣ୍ଠରେ । ମହାମନ୍ତ୍ର ଉଚ୍ଚାରଣ କର, ମୋର ମାନସକନ୍ୟା, ବୃଦ୍ଧ ପିତା ଉପଗୁପ୍ତର ଆଶୀର୍ବାଦ ଘେନ, ତୁମର ମନର ମହତ କାମନା ପରିପୂର୍ଣ୍ଣ ହେଉ । ଏ ବିଶ୍ୱରେ ଅହିଂସା ଓ ଶାନ୍ତିର ଶୁଭ୍ରରାଜ୍ୟ ପ୍ରତିଷ୍ଠିତ ହେଉ । ଭଗବାନ ବୁଦ୍ଧଂକର ବାଣୀ ସର୍ବତ୍ର ପ୍ରଚାରିତ ହେଉ ।

କାରୁବାକୀ ମନ୍ତ୍ର ଉଚ୍ଚାରିଲେ, ବୁଦ୍ଧଂ ଶରଣଂ ଗଚ୍ଛାମି, ଧର୍ମଂ ଶରଣଂ ଗଚ୍ଛାମି, ସଙ୍ଘଂ ଶରଣଂ ଗଚ୍ଛାମି—କାରୁବାକୀ ତନ୍ତୁ ଉଠିଲେ । ଅସ୍ପଷ୍ଟ ଜ୍ୟୋତ୍ସ୍ନାଲୋକରେ ଦେଖିଲେ ଉପଗୁପ୍ତଙ୍କର ଦୁଇ ଆଖିରୁ ଲୋତକଧାର ଝରି ପଡୁଛି । ତାଂକର ଆଖି ମଧ୍ୟ ସଜଳ ହେଲା ।

ଦେଖ କାରୁବାକୀ, ତୁମେ, ଚଣ୍ଡାଶୋକ, ଯିଏ ସବୁ ଅଶୁଭ ଅମଙ୍ଗଳ, ସବୁ ଅନ୍ୟାୟ ଅନୀତି; ଅବିବେକିତା ଓ ନିଷ୍ଠୁରତାର ଚଳନ୍ତ ବିଗ୍ରହ ଥିଲେ, ତାଙ୍କୁ ଭୁଜ-ଭୁଜଙ୍ଗରେ ବନ୍ଧନ କଲି । କ୍ଷୁଧିତ ସଧିତ ଦଶନରେ ଦଂଶନ କଲି । କ୍ଷମାମୃତ-ଝରା ବିଶ୍ୱପ୍ରେମ ଭରା ନୟନ ନାରାଚରେ ବାରମ୍ବାର ବିଦ୍ଧ କଲି । ତାଙ୍କୁ ଅହିଂସାର ଶୀତଳ ଶୀକରରେ ସ୍ନାନ କରାଇଲି । ତାଙ୍କୁ କଲି ନୂଆ ମଣିଷ—ଦେବତାମାନଙ୍କର ପ୍ରିୟ ପ୍ରିୟଦର୍ଶୀ ଅଶୋକ-ଧର୍ମାଶୋକ, ବିଶ୍ୱ-ମାନବର କଲ୍ୟାଣର ପ୍ରତୀକ । ଦେଖ, ଧର୍ମାଶୋକକୁ ନିଜ ଭିତରେ ଧରି ଗଢ଼ିଥିଲି ତନୟା । ତାଂକର ଜୀବନକଣିକା ଓ ତୁମର ରକ୍ତ ମାଂସର ମିଶ୍ରଣରେ ଚାରୁବାକୀ !

(ଅପ୍ରକାଶିତ ଉପନ୍ୟାସ ଇନ୍ଦ୍ରହାର କିୟଦଂଶ)

ପ୍ରଶ୍ନ ଗୁମ୍ଫା

ଶ୍ରୀ କଙ୍ଗାଲି

(ଏଇ ବିଭାଗ ପାଇଁ ଅନେକ ପ୍ରଶ୍ନ ଆସି ପାଠକ ପାଠିକାଙ୍କ ଠାରୁ, ପହଞ୍ଚୁଛି । ସବୁ ପ୍ରଶ୍ନର ଉତ୍ତର ଏକାବେଳେକେ ଦେବା ମୋତେ ସମ୍ଭବ ନୁହେଁ । ଏଥିପାଇଁ କେହି ନିରାଶ ନ ହେବାକୁ ଅନୁରୋଧ କରୁଛି । ତାପରେ ଅନେକ ପାଠକ ପାଠିକା ପ୍ରଶ୍ନଗୁମ୍ଫା କୁପନ ମଲାଟରୁ କାଟି ପ୍ରଶ୍ନ ସହିତ ପଠାଉ ନାହାନ୍ତି । ନିୟମ ଅନୁଯାୟୀ ସେମାନଙ୍କ ପ୍ରଶ୍ନର ଉତ୍ତର ଦିଆଯିବ ନାହିଁ । ପ୍ରଶ୍ନ ପଠାଇବା ବେଳେ ଏହି ନିୟମ ମାନିବାକୁ ଯେମିତି କେହି ଭୁଲି ନଯାଆନ୍ତି ।— ଶ୍ରୀ କଙ୍ଗାଲି)

ଶ୍ରୀମତୀ କୋକିଳ କୁମାରୀ ପାତ୍ରୀ, ଧୂଳିପୁର, କ୍ଷୀରକୋଣା, (ବାଲେଶ୍ୱର)

ପ୍ର—କି କି ଅସ୍ତ୍ର ବ୍ୟବହାର କରି ସ୍ତ୍ରୀ ସ୍ୱାମୀ ଉପରେ ନିଜର ଅଧିକାର ବିସ୍ତାର କରି ପାରିବ ?

ଉ—ଦୁଇଟି ପ୍ରଧାନ ଅସ୍ତ୍ର ହେଉଛି—ପ୍ରେମ ଓ ଭକ୍ତି । ଆଉ ଗୋଟିଏ ଶ୍ରେଷ୍ଠ ଅସ୍ତ୍ର କଣ ଜାଣିବା ପାଇଁ ଫକୀର ମୋହନଙ୍କ ପେଟେଣ୍ଟ ମେଡ଼ିସିନ ଗଳ୍ପ ପଢ଼ନ୍ତୁ ।

ପ୍ର—ସ୍ତ୍ରୀ ସ୍ୱାମୀକୁ ନିଜର ଦେବତା ବୋଲି ଜାଣି ସୁଦ୍ଧା କାହିଁକି ଅନ୍ୟ ପୁରୁଷକୁ ଭଲ ପାଇ ବସେ ?

ଉ—ମାଦକଦ୍ରବ୍ୟ ଖରାପ ବୋଲି ଜାଣି ସୁଦ୍ଧା ମଣିଷ ଯେଉଁଥିପାଇଁ ତାହା ବ୍ୟବହାର କରେ ।

ଶ୍ରୀ ସନାତନ ପାଣିଗ୍ରାହୀ, ଅନନ୍ତ ବ୍ରହ୍ମପୁର (କଟକ)

ପ୍ର—ଶ୍ରୀ ଅଶୋକ ମେହେଣ୍ଟା କଂଗ୍ରେସରେ ଯୋଗ ଦେବାଦ୍ୱାରା ଭାରତ ଜନସାଧାରଣଙ୍କର ପୂର୍ବାପେକ୍ଷା ବିଶେଷ ଉପକାର ହୋଇଛି କି ?

ଉ—ଉପକାର ଅପକାର ଜାଣିବା ପାଇଁ ଆଉ କିଛି ଦିନ ଅପେକ୍ଷା କରନ୍ତୁ ।

ପ୍ର—ଆପଣ ମନ୍ତ୍ର, ଭୂତ ପ୍ରେତ, ଓ ଡାହାଣୀ ଲାଗୁଥିବା କଥା ବିଶ୍ୱାସ କରନ୍ତି କି ?

ଉ—ଆପଣ କଣ ବିଶ୍ୱାସ କରନ୍ତି ? ଯଦି ବିଶ୍ୱାସ କରୁଥାନ୍ତି ତାର ପ୍ରମାଣ ମତେ ଦେଇ ପାରିବେ ?

କୁମାରୀ ରଞ୍ଜିତା ଶତପଥୀ, ସତ୍ୟଭାମାପୁର (କଟକ)

ପ୍ର—ଚୀନ ଓ ଭାରତ ଯୁଦ୍ଧରେ ମହାତ୍ମା ଗାନ୍ଧୀଙ୍କ ଅହିଂସା ନୀତି ପ୍ରୟୋଗ କରା ନଯାଇ ଯୁଦ୍ଧ କରାଗଲା କାହିଁକି ?

ଉ—ପରସ୍ପର ଠାରୁ ଯୁଦ୍ଧଶିକ୍ଷା ଗ୍ରହଣ କରିବାକୁ ।

ପ୍ର—ମଣିଷ ଦୁନିଆରେ ବଞ୍ଚି ରହେ କାହିଁକି ?

ଉ—ଜନ୍ମ ହୋଇଛି ବୋଲି ।

ଶ୍ରୀ ରାମଚନ୍ଦ୍ର ସାମାତ, ବଡବିଲ, (କେନ୍ଦୁଝର)

ପ୍ର—ଅବିବାହିତ ଜୀବନରେ ପ୍ରଣୟ ଦୋଷାବହ ହୁଏ କାହିଁକି ?

ଉ—ପ୍ରଣୟଟା ପରିଣୟରେ ପରିଣତ ହେବାର ଆଶା ନଥିଲେ ।

ପ୍ର—ଯେଉଁ ଦେଶର ବିଧାନ ସଭାରେ ଲୋକପ୍ରତିନିଧିମାନେ ମାଡ ମରାମରି ହୁଅନ୍ତି ସେ ଦେଶର ଲୋକେ ଶିଖିବେ କଣ ?

ଉ—ହଣାହଣି ।

ଶ୍ରୀ ସିଦ୍ଧେଶ୍ୱର ହୋତା, ବଲାଙ୍ଗୀର

ପ୍ର—ଦୁଇଟି ଏକା ସାଙ୍ଗରେ ନବଜନ୍ମିତ ଶିଶୁ ଧୀରେ ଧୀରେ ସମାନ ଭାବରେ ବଢ଼ନ୍ତି, କିନ୍ତୁ ଭବିଷ୍ୟତରେ ସେଥିମଧ୍ୟରୁ ଜଣେ କାହିଁକି ଦେଶର ପୂଜ୍ୟ ବ୍ୟକ୍ତି ହୋଇପାରେ ଓ ଆଉ ଜଣେ କାହିଁକି ହୋଇପାରେ ନାହିଁ ?

ଉ—ଏକା ସାଙ୍ଗରେ ଜନ୍ମ ହେଲେ ଏବଂ ସମାନ ଭାବରେ ବଢ଼ିଲେ ଉଭୟେ ଏକା ଭଳି ହୋଇପାରିବେ ନାହିଁ କାହିଁକି ?

(ପଞ୍ଚସଖା ପିକ୍‌ଚର୍ସର ନବତମ ଅବଦାନ 'ନବଜନ୍ମ'ର ନାୟିକା ଝରଣା ଦାସ)

ତେବେ ପରିସ୍ଥିତି ସେମାନଙ୍କୁ ଭିନ୍ନ ଢ଼ାଞ୍ଚାରେ ଗଢ଼ିଥାଏ ବୋଲି ସେମାନେ ଏକା ଭଳି ହୋଇପାରନ୍ତି ନାହିଁ ।

ପ୍ର—ବର୍ତ୍ତମାନ ଛାତ୍ରମାନଙ୍କ ମଧ୍ୟରେ ବିଶୃଙ୍ଖଳା ଯେପରି ବଢ଼ି ଯାଇଛି ତାକୁ ବନ୍ଦ କରିବାର ଉପାୟ କଣ ?

ଉ—କୁସଂସର୍ଗ ଛାଡ଼ି ପଢ଼ାପଢ଼ିରେ ମନଦେବା ଏବଂ ଉଚିତ ଶିକ୍ଷା ଗ୍ରହଣ କରିବା ।

କୁମାରୀ ଇନ୍ଦ୍ରାଣୀ ପଣ୍ଡା, ସମ୍ବଲପୁର

ପ୍ର—ଆପଣଙ୍କ ମତରେ କଳା ଓ ବିଜ୍ଞାନ ମଧ୍ୟରେ କାହାର ସ୍ଥାନ ଉଚ୍ଚ ?

ଉ—ଉଭୟର ସ୍ଥାନ ସମାନ, ଉଭୟେ ଉଭୟର ପରିପୂରକ ।

ପ୍ର—ମନୁଷ୍ୟ ତାର ମନୁଷ୍ୟତ୍ୱ ପାଏ କପରି, କେବଳ ପଢ଼ିବା ମାଧ୍ୟମରେ ନା ଅନ୍ୟ କିଛି ଉପାୟରେ ?

ଉ—ଉଚିତ ଶିକ୍ଷାର ମାଧ୍ୟମରେ ।

ଶ୍ରୀ ସୋମନାଥ ଜେନା; ବଡ଼ବିଲ, (କେନ୍ଦୁଝର)

ପ୍ର—ଆପଣଙ୍କ ମତରେ ନାରୀର ଜୀବନ କେବେ ପୂର୍ଣ୍ଣାଙ୍ଗ ହୁଏ ଏବଂ ସବୁ ନାରୀଙ୍କର ଜୀବନ ପୂର୍ଣ୍ଣାଙ୍ଗ ହୁଏନାହିଁ କାହିଁକି ?

ଉ—ନାରୀର ଜୀବନ ପୂର୍ଣ୍ଣାଙ୍ଗ ହୁଏ ନାରୀତ୍ୱରେ । ଯେଉଁ ନାରୀର ତାହା ନାହିଁ ତାର ଜୀବନ ସବୁବେଳେ ଅପୂର୍ଣ୍ଣ ରହିଯାଏ ।

ପ୍ର—ଆପଣଙ୍କ ମତରେ ପୃଥିବୀର ଜୀବିତ ଶ୍ରେଷ୍ଠ ବୈଜ୍ଞାନିକ କିଏ କହି ପାରିବେ ଏବଂ ସେ କି କି ଆଶ୍ଚର୍ଯ୍ୟ ଜିନିଷ ଏବେ ଉଦ୍ଭାବନ କରିଛନ୍ତି ?

ଉ—ସବୁ ବୈଜ୍ଞାନିକ ଶ୍ରେଷ୍ଠ ଏବଂ ସମଗ୍ର ମାନବ ସମାଜର ଉନ୍ନତି ପାଇଁ କିଛି ନା କିଛି ଉଦ୍ଭାବନ କରିଛନ୍ତି । ସମସ୍ତଙ୍କ ତାଲିକା

ଏ ସ୍ତମ୍ଭରେ ଦେବା କଣ ସମ୍ଭବ, ଆପଣଙ୍କୁ କହନ୍ତୁ ।

ଶ୍ରୀ ଗୋବର୍ଦ୍ଧନଚନ୍ଦ୍ର ତ୍ରିପାଠୀ, ଝାରସୁଗୁଡ଼ା (ସମ୍ବଲପୁର)

ପ୍ର—ଭାରତର ଅର୍ଥନୈତିକ ଅବସ୍ଥା ଏତେ ସ୍ୱଚ୍ଛଳ ନୁହେଁ କାହିଁକି ?

ଉ—ଜନସାଧାରଣଙ୍କ ବୋକାମୀ ଯୋଗୁଁ ।

ପ୍ର—ବର୍ତ୍ତମାନ ଆମ ଭାରତରେ ଇତିହାସର ମୋଗଲ ରାଜବଂଶର କୌଣସି ବଂଶଧର ଜୀବୀତ ଅଛନ୍ତି କି ?

ଉ—ଅଛନ୍ତି ।



ନବଜନ୍ମର ଅନ୍ୟ ଏକ ଦୃଶ୍ୟରେ ଉର୍ବଶୀ, ଅକ୍ଷୟ ଓ ଗୀତା

ଶ୍ରୀ କୋରାଡା ନିତ୍ୟା ରାଓ, ନୂଆପଡା, (ଗଞ୍ଜାମ)

ପ୍ର—ବସନ୍ତ ରୋଗର ଚିକିତ୍ସା ପାଇଁ ଟୀକା ଛଡା ଆଉ କି ପ୍ରକାର ଔଷଧ ଆବିଷ୍କୃତ ହୋଇଛି, ଏବଂ ତାର ବ୍ୟବହାର କପରି ?

ଉ—ବସନ୍ତ ରୋଗର ଚିକିତ୍ସା ପାଇଁ ଟୀକା ଦିଆଯାଏ ନାହିଁ । ଟୀକା ବସନ୍ତ ରୋଗର ପ୍ରତିଷେଧକ । ସେଇ ରୋଗର ଚିକିତ୍ସା ପାଇଁ କିଛି ଔଷଧ ଆବିଷ୍କୃତ ହୋଇନାହିଁ । ତେବେ ରୋଗ ହେବା ମାତ୍ରେ ନିକଟତମ ଟୀକାଦାରଙ୍କୁ କିମ୍ବା ଡାକ୍ତରଖାନାର ଡାକ୍ତରଙ୍କୁ ଜଣାଇବା ଉଚିତ । ତାହାହେଲେ ରୋଗର ତତ୍ତ୍ୱାବଧାନ ନେଇ ରୋଗ ଯେମିତି ଅନ୍ୟମାନଙ୍କୁ ସଂକ୍ରମିତ ନହେବ ତାର ବ୍ୟବସ୍ଥା ସେମାନେ କରିବେ ।

ସାଧନାର ପ୍ରଯୋଜକ ତଥା ନାୟକ ଶରତ ପୂଜାରୀ

ପ୍ର—ଗୃହରକ୍ଷୀ ବାହିନୀର ପ୍ରଧାନ ପ୍ରଧାନ କ୍ଷମତା କଣ ?

ଉ—ସେମାନଙ୍କର କ୍ଷମତା କିଛି ନାହିଁ । ମାନବ ଜୀବନର ଶୃଙ୍ଖଳା ରକ୍ଷା କରିବା ସେମାନଙ୍କର କର୍ତ୍ତବ୍ୟ ।

କୁମାର ରବୀନ୍ଦ୍ର ରାଉତ, ଫକୀରପଡ଼ା, ବରବାଟୀ (କଟକ)

ପ୍ର—ଜଣେ ତରୁଣ ଆଉ ଜଣେ ତରୁଣୀ । ଦୁଇ ଜଣଙ୍କର ମନରେ ନୂଆ ସ୍ୱପ୍ନ ଦେଖିବାର ବୟସ । ସେମାନଙ୍କ ଭିତରେ ପରିଚୟ ହେଲା; ବନ୍ଧୁତ୍ୱ ହେଲା ଏବଂ ଘନିଷ୍ଠତା ବିପଦସଙ୍କେତର ନାଳି ଗାର ପର୍ଯ୍ୟନ୍ତ ସ୍ପର୍ଶ କଲା । ଶେଷରେ ସମାଜ ଦୋଷୀ କଲା ପ୍ରକୃତରେ ସେମାନେ ଦୋଷୀ ନା ସମାଜ ଦୋଷୀ ?

ସାଧନାର ଅନ୍ୟ ଏକ ଦୃଶ୍ୟରେ ଶ୍ରୀକାନ୍ତ ଓ ରେ
ବାବ ଓ ମିନତି ଦାସ

ଉ—ଘଣ୍ଟିକା ବନ୍ଦେସଙ୍କେତର ନାଲଗାର ପର୍ଯ୍ୟନ୍ତ ସ୍ପର୍ଶ କରି ଥିବାରୁ ସେମାନେ ଦୋଷୀ । ତା ପୂର୍ବରୁ ଯଦି ସେମାନେ ଓଭରଟେକ୍ କରିଥାଆନ୍ତେ ସମାଜ ସେମାନଙ୍କୁ ଆଦୌ ଦୋଷୀ କରି ପାରି ନଥାନ୍ତା ।

ପ୍ର—ତରୁଣୀର ଉପାଣିଆ ପୋଟଲଚାଗ ଓ କଜ୍ଜ୍ୱଳିତ ଚକ୍ଷୁର କଟାକ୍ଷପାତ "ତରୁଣକୁ ଆକୃଷ୍ଟ କରେ କି ତରୁଣର ଆଜାନୁ-ଲମ୍ବିତ ବାହୁ, ସୁବିଶାଳ ବକ୍ଷ ତରୁଣୀର ଚକ୍ଷୁକୁ 'ଏକ୍ସପର' ରୂପ ଦିଏ ?

ଉ—ତରୁଣର ଆଜାନୁଲମ୍ବିତ ବାହୁ ଓ ସୁବିଶାଳ ବକ୍ଷ ତରୁଣୀର ଚକ୍ଷୁକୁ 'ସେକ୍ସପର' ରୂପ ଦିଏ ।

ଗୋପବନ୍ଧୁ ପଟ୍ଟନାୟକ, ଭଞ୍ଜନଗର (ଗଞ୍ଜାମ)

ପ୍ର...ଓଡ଼ିଆ, ବଙ୍ଗଳା ଓ ସଂସ୍କୃତ ପ୍ରଭୃତି ସାହିତ୍ୟମାନ ପ୍ରଥମେ କବିତା ଦ୍ୱାରା କାହିଁକି ସୃଷ୍ଟି ହେଲା ?

ଉ—ଗଦ୍ୟ ସାହିତ୍ୟର ଆଦର ନଥିବାରୁ ବୋଧହୁଏ ।

ପ୍ରଶ୍ନ ଗୁମ୍ଫା କୁପନ

ଶ୍ରୀ ଜଗନ୍ନାଥ, ପରିଚାଳକ ପ୍ରଶ୍ନଗୁମ୍ଫା, ମଳୟ, ବାଙ୍କାବଜାର

କଟକ—୨

ମହାଶୟ,

ଏଥି ସହିତ ଦୁଇଟି ପ୍ରଶ୍ନ ପଠାଇଲି । ମଳୟରେ ପ୍ରଶ୍ନଗୁମ୍ଫା ସ୍ତମ୍ଭରେ ଉତ୍ତର ଦେଲେ ଖୁସି ହେବି ।

ଆପଣଙ୍କର

ନାମ—

ଠିକଣା—

ପରିଚାଳନା – ଶ୍ରୀମତୀ **ରମା ଦେବୀ**

ଆପଣମାନଙ୍କ ସମସ୍ୟାର ସମାଧାନ

ଶ୍ରୀମତୀ ··ମହାନ୍ତି, ଟାଟାନଗର

ସମସ୍ୟା—ମୁଁ ଜଣେ ବିବାହିତା ସ୍ତ୍ରୀ । ମୋର ବୟସ ବର୍ତ୍ତମାନ ଚବିଶ ବର୍ଷ ହେବ । ମୋର ଦୁଇ ପୁଅ ଏବଂ ଗୋଟିଏ ଝିଅ । ସ୍ୱାମୀଙ୍କ ଆୟ ମାସରେ ପ୍ରାୟ ତିନି ଶହ ଟଙ୍କା । ଏଇ ତିନି ଶହ ଟଙ୍କାରେ ଆମେ ପାଞ୍ଚ ଜଣ ବେଶ୍ ଆନନ୍ଦରେ ଚଳି ଯାଉଛୁ । ଆର୍ଥିକ ଅନାଟନ ଆମ ସଂସାରରେ ନାହିଁ । ମୋ ସ୍ୱାମୀ ଆଉ ଅଧିକ ପିଲାଛୁଆ ଚାହାନ୍ତି ନାହିଁ। ତେଣୁ ସେ ସବୁଦିନେ ପରିବାର ନିୟନ୍ତ୍ରଣ କରିବା ପାଇଁ ତାଙ୍କର ଅସ୍ତ୍ରୋପଚାର କରିବା ପାଇଁ ମୋ ଅନୁମତି ମାଗୁଛନ୍ତି । ମୁଁ ଏଥିରେ ଏକମତ ନୁହେଁ । ମୁଁ ଅନୁମତି ନଦେଲେ କୁଆଡେ ତାଙ୍କର ଅସ୍ତ୍ରୋପଚାର ହୋଇପାରିବ ନାହିଁ । ଏଥିପାଇଁ ଗତ ଛଅ ମାସ ହେଲା ଆମ ଦୁହିଁଙ୍କର ମନାନ୍ତର । ମୋତେ କହନ୍ତୁ ମୁଁ କଣ କରିବି ?

ସମାଧାନ—ଆପଣଙ୍କ ସ୍ୱାମୀ ଯାହା ଇଚ୍ଛା କରୁଛନ୍ତି ତାହା କରିବାକୁ ଦିଅନ୍ତୁ । ତାଙ୍କୁ ମୋଟେ ବାଧା ଦିଅନ୍ତୁ ନାହିଁ । ତିନୋଟି ସନ୍ତାନ ଆପଣଙ୍କ ପରି ପରିବାର ପାଇଁ ଯଥେଷ୍ଟ । ଏବେ ସେଇ ତିନୋଟି ଛୁଆ ହୋଇଛନ୍ତି ବୋଲି ଆପଣଙ୍କ ସ୍ୱାମୀଙ୍କ ଆୟରେ ବେଶ୍ ଆନନ୍ଦରେ ଚଳି ଯାଉଛନ୍ତି । ଭଗବାନ ଆଶୀର୍ବାଦ କରନ୍ତୁ ସେଇ ଆନନ୍ଦ ଆପଣଙ୍କ ପରିବାରରେ ଚିରଦିନ ରହୁ । କିନ୍ତୁ

ଭଉଣୀ, ସେମାନଙ୍କୁ ମଣିଷ କରିବାକୁ ହେଲେ ଭବିଷ୍ୟତରେ ଅନେକ ଝଡଝଞ୍ଜାର ସମ୍ମୁଖୀନ ହେବାକୁ ହେବ—ଏକଥା ମନେ ରଖି ଆଗେଇବା ଉଚିତ । ଅଧିକ ସନ୍ତାନ ଜନ୍ମ କରି ଏଇ ସୁଖ ଓ ଆନନ୍ଦକୁ ଜଳାଞ୍ଜଳି ଦେବା ଅପେକ୍ଷା ଏଇ ଦିନୋଟି ସନ୍ତାନକୁ ଉଚିତ ଶିକ୍ଷା ଦେଇ ମଣିଷ କରିବା ସହସ୍ର ଗୁଣରେ ଭଲ । ସ୍ୱାମୀଙ୍କ ମନରେ କଷ୍ଟ ଦେବା ଆପଣଙ୍କର ଅନୁଚିତ । ଆପଣ ବିନାଦ୍ୱିଧାରେ ତାଙ୍କୁ ସହଯୋଗ କରନ୍ତୁ, ଦେଖିବେ ଆପଣଙ୍କ ସଂସାର ଆହୁରି ହସି ଉଠିବ ।

ଶ୍ରୀମତୀ···ଦେବୀ, ବଲାଙ୍ଗୀର

ସମସ୍ୟା—ମୋର ବର୍ତ୍ତମାନ ବୟସ ଏକୋଇଶ ବର୍ଷ । ଆମର ବିବାହ ମୋଟେ ନଅ ମାସ ହେଲା ହୋଇଛି । ମୋର କେବଳ ଗୋଟିଏ ଦିଅର ଅଛନ୍ତି । ଆଉ କେହି ନାହାନ୍ତି ମୋ ଶାଶୁଘରେ । ସେଇ ଦିଅରଟି ଆମ ନିକଟରେ ରହି ପଢ଼ନ୍ତି । ସ୍ୱାମୀ ଚାକିରି କରନ୍ତି । ଅନେକ ସମୟରେ ତାଙ୍କୁ ଗସ୍ତରେ ଯିବାକୁ ପଡ଼େ । ମାସରେ ପ୍ରାୟ ପଚିଶ ଦିନ ସେ ଗସ୍ତ କରନ୍ତି । ମୋତେ ଏକୁଟିଆ ରହିବାକୁ ହୁଏ ମୋ ଦିଅରଙ୍କ ସହିତ । ସ୍ୱାମୀଙ୍କ ଅନୁପସ୍ଥିତି ମୁଁ ମୋଟେ ସହ୍ୟ କରି ପାରୁନି । ବେଳେବେଳେ ମୋ ଭିତରେ ଏପରି ଦୁର୍ବଳତା ଜନ୍ମେ ଯେ ତାହା ଭାଷାରେ କୁହାଯାଇ ପାରେନା । ଅନେକ କଷ୍ଟରେ ସେଇ ଦୁର୍ବଳତାକୁ ମନରୁ ପୋଛିଦିଏ ସିନା, ହେଲେ ତାକୁ ପୂରାପୂରି ଭୁଲି ପାରେନା । ତାଙ୍କୁ କେତେଥର କହିଛି ମୋତେ ଏମିତି ଏକୁଟିଆ ରଖି ଗସ୍ତରେ ନ ଯିବାକୁ । ସେ ମୋ କଥାକୁ ହସରେ ଉଡ଼ାଇ ଦିଅନ୍ତି, କହନ୍ତି, ଗସ୍ତରେ ନଗଲେ ପରିବାରର ଖର୍ଚ୍ଚ ତୁଲିବ ନାହିଁ । ଆପଣହିଁ କହନ୍ତୁ ମୁଁ ଏ ପରିସ୍ଥିତିରେ କଣ କରିବି ?

ସମାଧାନ—ଆପଣଙ୍କ ଭଳି ଏମିତି ଅନେକ ଭଉଣୀ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ହୋଇଛନ୍ତି । ତେଣୁ ଆପଣଙ୍କର ଏହି ସମସ୍ୟା ଅନେକ ବିବାହିତା ଭଉଣୀଙ୍କ ପକ୍ଷରେ କିଛି ନୂଆ ନହେଲେ ବି ଗୁରୁତର ନିଶ୍ଚୟ । ମୋ ମତରେ ଆପଣଙ୍କ ମନର ସମସ୍ତ ଦୁର୍ବଳତା ଅତି ପରିଷ୍କାର ଭାବରେ ଆପଣଙ୍କ ସ୍ୱାମୀଙ୍କୁ କହି ଦିଅନ୍ତୁ । ଲାଜ କରନ୍ତୁ ନାହିଁ ମୋଟେ । ଲାଜ କରି ନୀରବ ରହିଲେ ଆପଣଙ୍କର କ୍ଷତି । ତାଙ୍କୁ କହନ୍ତୁ, ତାଙ୍କର ଯଦି କିଛି ଅସୁବିଧା ନହୁଏ ତେବେ ବେଳେ ବେଳେ ତାଙ୍କ ସଙ୍ଗେ ଆପଣଙ୍କୁ ବି ଗସ୍ତରେ ନିଅନ୍ତୁ । ଏଥିରେ ଯଦି ଆପଣଂକର ଦିଅରଂକର କିଛି ଅସୁବିଧା ହୁଏ ତେବେ ତାଙ୍କୁ ହଷ୍ଟେଲରେ ରଖିବାର ବନ୍ଦୋବସ୍ତ କରନ୍ତୁ । ଏ ଦୁଇଟିରୁ ଯଦି କୌଣସିଟା ସମ୍ଭବ ନହୁଏ ତେବେ ଆପଣଂକ ବାପଘରୁ କୌଣସି ଆତ୍ମୀୟ କିମ୍ବା ଆତ୍ମୀୟାଙ୍କୁ ଆଣି କିଛି ଦିନ ପାଖରେ ରଖନ୍ତୁ । ଏକୁଟିଆ ରହିଲେ ମନରେ ଅନେକ ପ୍ରକାର ଦୁର୍ବଳତା ଏବଂ ଦୁଶ୍ଚିନ୍ତା ଜନ୍ମେ ତାହା ସତ । ତେଣୁ ସବୁବେଳେ



ସାଧନାର ଅନ୍ୟ ଏକ ହାସ୍ୟରସାତ୍ମକ ଦୃଶ୍ୟରେ ଧୀର ଓ ଅନନ୍ତ

ନିଜକୁ କିଛି ନା କିଛି କାମରେ ବ୍ୟସ୍ତ ରଖିଲେ ମନରେ କୌଣସି ପ୍ରକାର ଦୁର୍ବଳତା ଏବଂ ଦୁଶ୍ଚିନ୍ତା ଜନ୍ମେ ନାହିଁ । ଆପଣ ସେଇପରି କରୁ ନାହାନ୍ତି କାହିଁକି ? ନିଜକୁ ବ୍ୟସ୍ତ ରଖିବାକୁ ଜଣେ ଘରଣୀଙ୍କ ପାଇଁ କାମର କିଛି ଅଭାବ ନାହିଁ । ସିଲେଇ, ବୁଣାବୁଣି, ଲେଖା-ଲେଖି ଇତ୍ୟାଦି ଅନେକ କାମ ଅଛି ଯେଉଁଥିରେ ଜଣେ ବେଶ୍ ଭଲ ଭାବରେ ସମୟ କଟାଇ ପାରିବ । ଆପଣ ଚେଷ୍ଟା କରନ୍ତୁ ନା ଏଥିରେ ସଫଳ ହେଉଛନ୍ତି କି ନାହିଁ ! ମୋତେ କିଛିଦିନ ପରେ ଲେଖି ଜଣାଇବାକୁ ଭୁଲିବେ ନାହିଁ ।

କୁମାରୀ•••ଜେନା, ଝାରସୁଗୁଡ଼ା

ସମସ୍ୟା—ମୁଁ ଶୁଣିଛି ଅନେକ ସମୟରେ ଅନେକଙ୍କର କୁମାରୀତ୍ୱ ଅନେକ କାରଣରୁ ନଷ୍ଟ ହୋଇ ଯାଇଥାଏ କୌଣସି ପୁରୁଷ ସଙ୍ଗେ ସମ୍ପର୍କ ନଥିଲେ ବି । ତେବେ ତାର ପ୍ରମାଣ କଣ ? ଆପଣ କଣ କହି ପାରିବେ, ଏମିତି କୌଣସି ଚିହ୍ନ ଅଛି ଯାହା ପରୀକ୍ଷା କଲେ ଯେକୌଣସି ଡାକ୍ତର ନିଶ୍ଚିତ ଭାବରେ କହିପାରିବେ ଝିଅଟି ପ୍ରକୃତ କୁମାରୀ କି ନା ?

ସମାଧାନ—ସତୀଚ୍ଛଦର ଉପସ୍ଥିତିହିଁ କୁମାରୀତ୍ୱର ଲକ୍ଷଣ ବୋଲି କୁହା ଯାଇଥାଏ । କିନ୍ତୁ ଆଜିକାଲି ସ୍କୁଲ କଲେଜରେ ଝିଅ-ମାନେ ଖେଳରେ, ଏନ୍. ସି. ସି.ରେ ଯେମିତି ଭାଗ ନେଉଛନ୍ତି ସେଥିରେ ସତୀଚ୍ଛଦ ରହି ପାରେନା । ପୁରୁଷ ସଂସର୍ଗ ନହେଲେ ବି ଅନେକ ସମୟରେ ଅନେକ କାରଣରୁ ସତୀଚ୍ଛଦ ରହେନା । ଏଥି-ପାଇଁ ବିବାହ ପରେ କୌଣସି ସ୍ୱାମୀ ସେମାନଙ୍କ ସ୍ତ୍ରୀକୁ ଅବିଶ୍ୱାସ କରିବା ଉଚିତ ନୁହେଁ ।

ଡାକ୍ତରୀ ପରୀକ୍ଷାରେ ବି ଜଣାପଡ଼େ ଝିଅଟି ପୂର୍ଣ୍ଣ କୁମାରୀ କି ନା । କୁମାରୀତ୍ୱ ପରୀକ୍ଷା ସମୟରେ ଡାକ୍ତର 'ଭେଜାଇନାଲ ସ୍ଫିଙ୍କଟର୍' (ସ୍ତ୍ରୀଅଙ୍ଗର ଗୁହ୍ୟ ଦ୍ୱାରରେ ଥିବା ମାଂସପେଶୀ)କୁ ଦେଖନ୍ତି । ତାହା ଯଦି ଅତି ସହଜ ଏବଂ ସ୍ୱଚ୍ଛଧାରେ ଖୋଲିଯାଏ ଏବଂ ନପି ଯାଏ ତେବେ ଜଣାଯାଏ ଯେ ଝିଅଟି ପୂର୍ଣ୍ଣ କୁମାରୀ ନୁହେଁ । ତଥାପି ତାହା ଅନେକ ସମୟରେ ନିଃସନ୍ଦେହରେ କୁହାଯାଇ ପାରେନା । କିନ୍ତୁ ଡାକ୍ତରଙ୍କ ମତକୁ ହିଁ ସତ ବୋଲି ଧରି ନେବାକୁ ନେବାକୁ ହୁଏ । ଆଇନ ଅଦାଲତର ଆଶ୍ରୟ ନେବାକୁ ହେଲେ ଅନେକ ସମୟରେ ନାରୀଧର୍ଷଣ କେସ୍‌ରେ ଯେତେବେଳେ ଝିଅକୁ ଡାକ୍ତର ପରୀକ୍ଷା କରନ୍ତି ଡାକ୍ତରଙ୍କ ମତକୁ ହିଁ ଅଦାଲତ ଗ୍ରହଣ କରେ ।

ଆପଣ ସମସ୍ୟାର ସମାଧାନ—ଏହି ବିଭାଗଟି କେବଳ ଭଉଣୀମାନଙ୍କ ପାଇଁ । ଆପଣ ଯେ କୌଣସି ସମସ୍ୟାର ସମାଧାନ ପାଇଁ ବନ୍ଦ ଲଫାପାରେ "ଶ୍ରୀମତୀ ରମୀ ଦେବୀ, କ୍ୟାରଫ, 'ମଳୟ' ବାଙ୍କାବଜାର, କଟକ—୨"ଙ୍କୁ ଲେଖନ୍ତୁ । ଆପଣ ଚାହିଁଲେ ଆପଣଙ୍କ ନାମ ଏବଂ ଠିକଣା ପ୍ରକାଶ କରାଯିବ, ନଚେତ ତାହା ଗୋପନ ରଖାଯିବ । ଆପଣ ନିଶ୍ଚିନ୍ତ ଏବଂ ନିର୍ଭୟରେ ଆପଣଙ୍କ ସମସ୍ୟା ପଠାନ୍ତୁ । ତାର ସମାଧାନ ପାଇଁ ଶ୍ରୀମତୀ ରମୀ ଦେବୀ ନିଶ୍ଚୟ ଚେଷ୍ଟା କରିବେ । ସମସ୍ୟା ପଠାଇ ଦେଖନ୍ତୁ ତ, ସମାଧାନ ହୋଇ ପାରୁଛି କି ନା······

ରଙ୍ଗ ଜଗତ

ନବ ଜନ୍ମ

ପଞ୍ଚସଖା ପିକ୍‌ଚର୍ସ ପକ୍ଷରୁ ନୂତନ ଓଡ଼ିଆ କଥାଚିତ୍ର 'ନବ ଜନ୍ମ'ର କାର୍ଯ୍ୟ ଇତିମଧ୍ୟରେ ଶେଷ ହୋଇଯାଇଛି ଓ ଆଗାମୀ ମାସରେ ଏହା ମୁକ୍ତିଲାଭ କରୁଥିବା ଜଣାଯାଇଛି ।

ନବ ଜନ୍ମର ବିଭିନ୍ନ ଭୂମିକାରେ ଅକ୍ଷୟ, ଶରତ, ଧୀର, ଊର୍ବଶୀ, ଗୀତା, ଝରଣା, ଅକ୍ଷୟ ଦାସ ପ୍ରମୁଖ ଅଂଶ ଗ୍ରହଣ କରିଛନ୍ତି । ଶ୍ରୀ ସତ୍ୟେନ ମୁଖାର୍ଜି ଏହାର ନିର୍ଦ୍ଦେଶନା ଦାୟିତ୍ୱ ନେଇଛନ୍ତି । ଶ୍ରୀ ବାଳକୃଷ୍ଣ ଦାସ ସଙ୍ଗୀତ ପରିଚାଳନା ଦାୟିତ୍ୱରେ ଅଛନ୍ତି । ଶ୍ରୀ ଭଞ୍ଜକିଶୋର ପଟ୍ଟନାୟକ ଏହାର କାହାଣୀ ଓ ସଂଳାପ ରଚନା କରିଛନ୍ତି ।

ଅଭିନେତ୍ରୀ

ଗ୍ରନ୍ଥବାଣୀ ପ୍ରତିଷ୍ଠାନ ପକ୍ଷରୁ ପ୍ରଖ୍ୟାତ ଔପନ୍ୟାସିକ କାହ୍ନୁଚରଣ ମହାନ୍ତିଙ୍କ 'ଅଭିନେତ୍ରୀ' ଉପନ୍ୟାସକୁ ଚିତ୍ର ଦିଆ ଯାଇଛି । ଆଗାମୀ ମାସରୁ ଏହାର ସୁଟିଂ ଆରମ୍ଭ ହେବ । ଏହାର ଅଭିନୟାଂଶରେ କିଏ ଅଂଶ ଗ୍ରହଣ କରିବେ ତାହା ଏପର୍ଯ୍ୟନ୍ତ ସ୍ଥିର ହୋଇ ନାହିଁ ।

ବୀରେନ୍ଦ୍ର କୃଷ୍ଣ ଧଳ

ବହ୍ନିକନ୍ୟା

ମହାପାତ୍ର ଯତୀନ୍ଦ୍ର କୁମାର

—କାହିଁକି ? ଯୁଦ୍ଧ ହେବ···ହେଲେ ଆଗ ପରି ଆଉ ହେବ ନାହିଁ ?

ବାପ ଝିଅଙ୍କ ଭିତରେ ପୁଣି କିଛି କ୍ଷଣର ଅଥହୀନ ନୀରବତା । କାନ୍ଥରେ ଗୋଟାଏ ଝିଟିପିଟିର ଚିତ୍କାର । ବଡ଼ କର୍କଶ, ରୁକ୍ଷ ସେ ଚିତ୍କାର ।

—ତା' ହେଲେ କଣ ହେବ ? ଅସହ୍ୟ ନୀରବତା ଭାଙ୍ଗି କହିଲା ତନୟା ।

—ହବ ଆଉ କଣ ? ଜମି-ଜାଗିର ଯେତେବେଳେ ଅଛି ଯିବାକୁ ହେବ । ଯୁଦ୍ଧରେ ଯାହାହେଉ; ଏଥର ଦେଖୁଛି ମୋତେଇ ଆଗ ବାହାରିବାକୁ ପଡ଼ିବ ।

—ତମେ ଯୁଦ୍ଧକୁ ଯିବ ? ତନୟାର ଗଳାରେ ଅସ୍ୱାଭାବିକତା ପରିସ୍ଫୁଟ ।

—ହଁ ମା, ଯିବାକୁ ପଡ଼ିବ । ଆଉ କାହାରି ଉପରେ ତ ମୋର ଆଶା ନାହିଁ, ଯିଏ ମୋ କାମ ତୁଲେଇ ପାରିବ । ଆଖପାଖ ଅଞ୍ଚଳରୁ ଅବଶ୍ୟ ଲୋକେ ବାହାରିବେ, ହେଲେ ସେମାନଙ୍କୁ ନେଇ କାମ ହୁଏନା । ବର୍ଗୀମାନେ ହେଲେ ଖଣ୍ଟ । ତାଙ୍କ ସାଙ୍ଗରେ

ଯୁଝିବାକୁ ବଳ ଯେତିକି ଲୋଡ଼ା—ତା'ଠୁ ବେଶୀ ଲୋଡ଼ା ବୁଦ୍ଧି । ଖଣ୍ଡା ସାଙ୍ଗରେ ଗଣ୍ଡିମତ ଖଣ୍ଡା ହେବାକୁ ପଡ଼ିବ । ସେମାନଙ୍କ କଳ-କୌଶଳ ଜଣାନଥିଲେ ହାରିବା ନିଶ୍ଚିତ । ଇମିତି ମୁଣ୍ଡ ଖେଳାଇବା-ଲୋକ ମୁଁ ତ ଗୋଟାଏ ଦେଖୁନି ! ଏଥର ପୁଣି ନବାବ ଆଲିବର୍ଦ୍ଦି ଖାଁ କୁଆଡ଼େ ତାଙ୍କ ନାତି ସିରାଜ ଉଦ୍ଦୌଲାଙ୍କୁ ସୈନ୍ୟ-ସେନାପତି-ମାନଙ୍କ ସଙ୍ଗରେ ପଠାଉଛନ୍ତି । ତାଙ୍କ ଆଗରେ ପାଇକକୁଳର ମାନ ରଖିବାକୁ ପଡ଼ିବ ।

—ଅନ୍ୟ ପୁରୁଖାମାନେ ବି ତ ଯିବା ଉଚିତ । ମାନ ଇଜ୍ଜତର କଥା ଯେତେବେଳେ ।

—ସମସ୍ତଙ୍କୁ ଡକା ଯିବ । ବୁଢା, ଦରବୁଢା, ଭେଣ୍ଡିଆ—ଯିଏ ସାହାଯ୍ୟ କରି ପାରିବ ଆଗେଇ ଆସୁ । ଦେଖାଯାଉ ନିଆଁକୁ ଡେଇଁବାକୁ କେତେ ଜଣ ବାହାରୁଛନ୍ତି ।

—କାହିଁକି ବାହାରିବେ ନାହିଁ ? ହକ୍ ଜମି, ଜାଯୁଗିର ଖାଉଛନ୍ତି ।

—ଆଗ ଦିନ କଣ ଆଉ ଅଛି ଯେ ପାଇକପୁଅ ଯୁଦ୍ଧ ନାଁରେ ଡେଇଁ ପଡ଼ିବ ? ବୁଢା, ଦରବୁଢ଼ା ଅପାରଗ ହେଲେଣି । ଭେଣ୍ଡିଆଏ ଆଖଡ଼ାରେ ଫାଙ୍କି ଦେଉଛନ୍ତି । କୁସ୍ତି ଆଖଡ଼ା ଘୁଡ଼ି ଏବେ ନାଚ ଆଖଡ଼ା ଉପରେ ବେଶୀ ଜୋର । ଲୁଚି ଛପା ଭାଙ୍ଗ ଚିଲମ କାରବାର ଚାଲିଛି । ଏଥିରେ ଆଉ କଣ ହେବ ? ଦେଖାଯାଉ, ଭାଗ୍ୟରେ କଣ ଅଛି ? ଗଜପତିତ ଗଲେ । ଏଥର ଚକାଡ଼ୋଳା ଭରସା । ପାଇକ ପୁଅ ନୀଳାଚଳ ନାଥକୁ କେବେ ଭୁଲି ନାହିଁ । ସେ ମାନ ରଖିଲେ ରଖିବେ ନରଖିଲେ ନାହିଁ ।

ନୀଳଚକ୍ର ଦିଗକୁ ଲକ୍ଷ୍ୟ କରି ଦି' ହାତ ମୁଣ୍ଡରେ ଛୁଇଁଲେ ଶମ୍ଭୁ ଶଲ୍ୟ । ତନୟାର ଅଜାଣତରେ ମନଟା ବି ଭରି ହୋଇ ଉଠିଲା ।

ଦେଲ୍ ମା ଶିରପା ଖଣ୍ଡିକ ଦେଲ୍ । ଯାଏ ଦେଖେ, ସେଆଡ଼େ ଚଣ୍ଡୀ ମଣ୍ଡପରେ କଏ ସବୁ ଅନେଇଥିବେ । ସେଠୁ ଫେରିଲେ ଯାଇ ଯୋଉ କଥା । ଶତ୍ରୁ ଶଲ୍ୟ ଉଠିଲେ । ତନୟା ସିନ୍ଧୁକରୁ ଶିରପାଟା ଆଣି ବାପାଙ୍କୁ ବଢ଼େଇ ଦେଇ କହିଲା—ବେଶୀ ରାତି କରିବ ନାହିଁ ।

—ପାଞ୍ଚ ଲୋକଙ୍କର ପାଞ୍ଚ କଥା, ପିଣ୍ଡାରୁ ଓହ୍ଲାଉ ଓହ୍ଲାଉ ଶତ୍ରୁ ଶଲ୍ୟ କହିଲେ—ଡେରି ହୋଇପାରେ । ମୋତେ ଅନେଇବା ଦରକାର ନାହିଁ । ସୁଭଦ୍ରା ଆଈ ଆସିଲେ ତୁ ଖାଇ ଶୋଇ ପଡ଼ିବୁ ।

ଚାଲିଗଲେ ଶତ୍ରୁ ଶଲ୍ୟ । କଠଉ ଶବ୍ଦ ମିଳାଇଗଲା ଉତ୍ତର-ବାହିନୀ ଗାଁ ଦାଣ୍ଡରେ । ଲୁଚିଗଲା ସେଇ ବିରାଟ ଦେହଟା । ବୟସ ସତୁରି ଡେଇଁଲଣି । ତେବେ ବି ଟିକେ ନଇଁ ନାହାନ୍ତି । ପ୍ରଶସ୍ତ ଛାତି, ଫୁଲିଲା ଫୁଲିଲା ମାଂସପେଶୀ । ବାଳ ପାଚିନି କି ଦାନ୍ତ ପଡ଼ିନି । ଦେହରେ ଅସୁମାରି ବଳ । ହାତ ଦି'ଟା ଲୁହାର ମୁଗୁର । ଏବେ ବି ଦଣ୍ଡ ଭାଙ୍ଗନ୍ତି, ଲଖ ବୈଠନ୍ତି । ହାତରେ ଖଣ୍ଡେ ଲଠି ଧଇଲେ ଦଶ ଲୋକ ହଟି ଯାଆନ୍ତି । ଦୁର୍ଦ୍ଧର୍ଷ ସେନାନାୟକ । ଅଥଚ ତନୟା ପାଖରେ ସରଳ ଅବୁଝା ଶିଶୁଟିଏ ।

ତନୟା ଅନେଇ ରହିଲା । ଅନେଇ ରହିଲା ବାପାଙ୍କ ଚାଲି ଲୁଚିଯିବା ଯାଏ । ଗଲାବେଳେ ସେ ପଛକୁ ଫେରି ଚାହାଁନ୍ତି ନାହିଁ । ସେଇଟା କୁଆଡ଼େ ଅଶୁଭ, ଅମଙ୍ଗଳ । ଯଦିଓ ସେ ଗାଁର ଚଣ୍ଡୀ-ମଣ୍ଡପ ଯାଏ ଯାଉଛନ୍ତି, ତଥାପି ଆଜି ଇଏ ଗୋଟାଏ ଅନୁକୂଳ । ପାଇକ ପୁଅର ମାନ, ଇଜ୍ଜତ, କୁଳ ଗୌରବ ଫେରାଇ ଆଣିବାର ଶୁଭ ଅନୁକୂଳ ।

—କ୍ର...

ଭାବନାର ଡୋର ଛିଡ଼ିଗଲା ।

କାନ ପାଖରେ ଶଙ୍ଖ ବଜାଉଛି । କିଏ ଆଉ ? ସେଇ ଗ୍ରେଡ଼ପଣ୍ଡି ସାଙ୍ଗଙ୍କ ଘର ବୋହୂ ହୋଇଥିବ । ତନୟା ଚମକି ମୁହଁ ଫେରାଇଲା । ନା, ସାଉଁତ ଘର ବୋହୂ ନୁହେଁ—"ଲଳାଟେନ୍ଦୁ" ।

—କଲେ; ସଞ୍ଜବେଳେ ଏକା ଦାଣ୍ଡରେ ଠିଆ ହୋଇ···

—ତମର କଣ ଗଲା ? ଝିରକ୍ତିରେ କହିଲା ତନୟା ।

—ମୋର କଣ ଗଲା ? ମୁଁ ବୋଲି ସିନା ଶଙ୍ଖ ଫୁଙ୍କି ତୋ ଧ୍ୟାନ ଭାଙ୍ଗିଲି, ଯଦି ଆଉ କିଏ ହୋଇଥାନ୍ତା ?

—ଆଉ କିଏ ?

—ହଁ, ମନେକର, ଏଇ ଦୁର୍ବାସାଙ୍କ ପରି କେହି ଅଖାଡ଼ୁଆ ମୁନି ହୋଇଥିଲେ ଆଗପଛ ବିଚାର ନ କରି ସିଧା ଅଭିଶାପ ଦେଇ ଦେଇଥାନ୍ତା । ଏଠିତ ପ୍ରିୟମ୍ବଦା କି ଅନୁସୂୟା କେହି ନାହାନ୍ତି ତାଙ୍କୁ ବୁଝେଇ ଅଣ୍ଡା କରିବାକୁ ! ଭାଗ୍ୟକୁ ସିନା ମୁଁ ଦେଖି ପକାଇଲି । ଚୂଃ—ଚଃ—ଚୂଃ—

—ଆଜି ତ କିଛି କାମ ନାହିଁ, ଆସିଲି ମତେ ଜଳେଇବାକୁ ।

—ଜଳେଇବାକୁ ? ସବୁ ଘରେ ସଞ୍ଜ ଆଲୁଅ ବଳିଲାଣି । ତୁ ଦାଣ୍ଡଟାରେ ଠିଆ ହେଇଚୁ । ମୁଁ ଆସି ମନେ ପକେଇ ଦେଲି ଯେ ମୋର ହେଲା ଦୋଷ !

ହଁ, ସତରେ ସଞ୍ଜ ଗଡ଼ି ଗଲାଣି । ସବୁ ଘରେ ସଞ୍ଜ ଆଳତି ଶୁଭୁଛି । ଦେଉଳରେ ଘଣ୍ଟି ମାଡ଼ିଲା । ଚମକି ପଡ଼ିଲା ତନୟା ! ବାପା ଗଲେଣି କେତେବେଳୁ । ଦାଣ୍ଡଟାରେ ଠିଆ ହୋଇ କ'ଣ ସେ ଭାବୁଛି ?

—କଣ, ସଞ୍ଜ ଦେବା କଥା ମନେ ପଡ଼ିଲା ? ହସି ହସି ପଚାରିଲା ଲଳାଟେନ୍ଦୁ । ବାଃ, ପକ୍କା ଘରଣୀଟିଏ ହବୁ ଦେଖିଚି

—X—

(କ୍ରମଶଃ)

ଥିଏଟରର କମଳା
ସଞ୍ଜ ହାଓ୍ୱାର ନାସ୍‌ପାତି
ଯୌନଚକ୍ରର ଅଙ୍କୁର ।
କମ୍ପା—
ଏକ୍ସରେର ଶକ୍ତି ନେଇ ଦୃଷ୍ଟି ମୋର ଶାଢ଼ୀ ପାର ହୁଏ
ମଖମଲି ସ୍କ୍ରିନ୍ ତଳେ କେତେ ହସ ଆଉ କେତେ ହସ
ବୟସର ଛାପ ମାଖି ଯଉବନ ଝରକି ଯାଉଛି ।

× ×

ଯୌବନର ବଜାରରେ ଘୂରି ଘୂରି କଷ୍ଟ ପାଇଲି ନା…
କେବଳ ଗୋଟିଏ ମାତ୍ର—କାମନାର ନିମନ୍ତ୍ରଣ ଛଡ଼ା ।

କମ୍ପା ଲଜେନ୍ସ, ବିସ୍କୁଟ ଓ ବାଲିଯାତ୍ରା ଗଳ୍ପଟି ଦେଖନ୍ତୁ—

(ଟିଉସନ କଲାବେଳର ଏକ ଦୃଶ୍ୟ)

ସାର୍, ଆପଣ ମୋଟେ ଭଲ ସାର ନୁହଁନ୍ତି । ଉଲ୍ଲାସ ସାର୍ ମତରେ କେତେ ଭଲ । ସେ ଆମକୁ ଲଜେନ୍ସ ଦିଅନ୍ତି, ବିସ୍କୁଟ ଦିଅନ୍ତି । ବାଲିଯାତ୍ରା ବୁଲାଇ ନିଅନ୍ତି । ଅପାକୁ ସିନେମା ନେଇ ଗଲାଦିନ ଆମର ଖାଲି ଛୁଟି ଆଉ ଛୁଟି ! ଅପା ଆମକୁ ପଢ଼େଇଲା ବେଳେ, ମାରି ଧରି କଲାବେଳେ, ସେ ଚୁପ୍ ଚୁପ୍ ଆସି ଲାଇଟ୍ ଅଫ୍ କରି ଦିଅନ୍ତି …

କମ୍ପା ସଂକଳନର ବଡ଼ ଗଳ୍ପ ଚନ୍ଦନ କୁଙ୍କୁମ ଦେଖନ୍ତୁ—

ମିନି ଧାଇଁ ଆସି କହିଲା, ଭାଇ, ତୁମ ଜନ୍ମଦିନ ଲାଗି ମାସିମା ଆଉ ତାଙ୍କ ଭଉଣୀ ଲତିକୁ ନେଇଆସିଛି । ବୁଲିଁଦେଖିଲି ଧଳାସଫେଦ ଶାଢ଼ୀ ଏବଂ ଅଧା କନାର ବ୍ଲାଉଜ୍ ଟିଏ ପିନ୍ଧି ଅନିନ୍ଦ୍ୟା ରୂପବତୀ

ମହିଳାଟିଏ ମୋ ଆଡ଼କୁ ଆଗେଇ ଆସିଲେ । ବର୍ଷା ପାଣି ଶାଢ଼ୀରୁ ବହି ଯାଉଥାଏ, ଦେହରେ ଜଡ଼ି ଯାଇଥାଏ ବ୍ଲାଉଜ୍ । ସିକ୍ତ ଶାଢ଼ୀ ତଳୁ ଫୁଟି ଉଠୁଥାଏ ସ୍ୱର୍ଣ୍ଣାଭ ବକ୍ଷୋଜ...କି ସୁନ୍ଦର, କି ଲୋଭନୀୟ କଅଁଳ ତନୁଲତା ଉପରେ ବର୍ଷାର ଲୀଳା ! ତାରୁଣ୍ୟର ପୃଷ୍ଠଭୂମି ଉପରେ ପ୍ରଥମ ଥର ପାଇଁ ଦେଖିଲି ଏକ ଅସାଧାରଣ ରୂପବତୀ ନାରୀର ବର୍ଷାସ୍ନାତ ଅଙ୍ଗର ଲୋଭନୀୟ ସମ୍ଭାର । ଆଖି ଫେରାଇ ଦେଖିଲି ଚଉଡ଼ ଉଦର ବର୍ଷାର କଣୋଗାଟିଏ ଡେଇଁ ଡେଇଁ ଆସୁଛି । ଭିଜା ହେମ୍‌ସ ସିଲ୍‌କ ତଳେ ଉଦ୍‌ଭିନ୍ନ କଦମ୍ବ କୋରକ ଯୁଗଳ ସ୍ପଷ୍ଟ ହୋଇ ଉଠୁଛି ।...

ମାସିମା ମୋ ଆଡ଼କୁ ଚାହିଁ ଈଷତ୍ ହସି ତୋଲିଆଟା ନେଇ ଲୀଳାୟିତ ଗତିରେ ବାଥ୍‌ରୁମ୍‌କୁ ଚାଲିଗଲେ (ଓଦା ଶାଢ଼ୀ ପାଲଟିବା ପାଇଁ) ଗୁରୁ ନିତମ୍ବରେ ସ୍ଥୂଳ ପଦ୍ମର ଲୀଳା ।

× × ବାଥ୍‌ରୁମ୍‌ରୁ ପ୍ରତ୍ୟାବର୍ତ୍ତନ ତାର ବିଳମ୍ବ ହେଉଥିଲା । ବିଳମ୍ବ ମୁଁ ସହିପାରୁ ନଥିଲି । ତରୁଣୀଟିର ସାନ୍ନିଧ୍ୟ ଲାଗି ଜୀବନରେ ପ୍ରଥମ ଥର ମୋର ଏ ନିଶା—କଣ ସେ କରୁଛି ବାଥ୍‌ରୁମ୍‌ରେ... ବାଥ୍‌ରୁମ୍ ଭିତରୁ ସାୱାରର ଝୁରୁ ଝୁରୁ ଶବ୍ଦ...ତରୁଣୀଟି ତା ଅଙ୍ଗର ପରିଧେୟ ଭିନ୍ନ କରି ଦେଇଥିବ...ତାପରେ ଲେଟି ପଡ଼ିଥିବ...ଇସ୍ କି କନ୍ଦର୍ପ୍ୟ ଚିନ୍ତା କରୁଛି...ସେ ବାଥ୍‌ରୁମ୍‌ରୁ ଫେରି ଆସିଲା...ଫେରି ଆସିଲା ସନ୍ନ୍ୟାସିନୀର ଅପୂର୍ବ ରୂପ ନେଇ.. ଦେହରେ ତାର ମୋର ଲୁଗା...ଅନାବୃତ ବାହୁଯୁଗଳ... ମାଂସଳ ବକ୍ଷମୂଳର ଆଲୁଳାୟିତ ରୋମାଳୀର ଫାଙ୍କେ ଫାଙ୍କେ ଜଳବିନ୍ଦୁ ମୁକ୍ତା ପରି ଟୋପା ଟୋପା ଝରି ପଡ଼ୁଛି...ବାହୁଯୁଗଳ ଟେକି କେତୋଟି ସିକ୍ତ ଅଳକ ସଜାଡ଼ି ନେଲା । ଆଭରଣହୀନ ବାହୁତଟ କି ସୁନ୍ଦର କି କମନୀୟ ! ତା ଉପରେ ଜଳବିନ୍ଦୁର ଲୀଳା

କ ଲୋଭମୀୟ ! ବିପୁଳ ସମ୍ଭାବନାରେ ପ୍ରାଣ ମୋର ଆକୁଳ ହୋଇ ଉଠିଲା । ସେ ମତେ ଚୁମ୍ବି ଦେଲା । ଆଖି ଆଖିରେ ଦୁଇ ବିନ୍ଦୁର ମିଳନ । ସେ ଲାଜରେ ସରମି ଗଲା । ଆଖି ମତେ କହୁଥିଲା; ମତେ ବଧୂ କରି ନିଅ—ମତେ ବଧୂ କରି ନିଅ ।

×× ଲତା କାଗଜ ଡଙ୍ଗା ଭସାଉ ଥିଲା । ମିନାର ଶ୍ରେଷ୍ଠ ଫ୍ରକ୍ ଖଣ୍ଡି ତାକୁ ବଡ଼ ଶ୍ରେଷ୍ଠ ହେଉଥାଏ । ମନେହେଲା ସେ ଜାଣି କରି ଘୃତ ଉପରେ ଫ୍ରକ୍ ଭିଜାଇ ଦେଇଛି । ସତେ ଯେମିତି ମାସିମା ସଙ୍ଗରେ ସେ ପ୍ରତିଯୋଗିତା କରିବାକୁ ଆସିଛି ।

×× ବିଛଣା ସଜାଡ଼ି ଦେଲି ମୋ ଖଟରେ ଲତା । ମିନା, ଲତା, ମାସିମା ତଳେ ଶୋଇଲେ । ଗୋଟିଏ ପ୍ରକୋଷ୍ଠ ଭିତରେ ତିନୋଟି ନାରୀଙ୍କ ସାନ୍ନିଧ୍ୟ । ଜଣେ ରକ୍ତର, ଦୁଇଟି ଅପରର । ରକ୍ତରେ ନିଆଁ ଲାଗିଲା । ରାତି ଗମ୍ଭୀର ହେଲା । ଥଣ୍ଡା ପବନରେ ଲ୍ୟାମ୍ପଟା ଲିଭିଗଲା । ଉଁ, କି ଶୀତ । ଖଟର ଧାରକୁ ଲାଗି ମାସିମାଙ୍କ ଶଯ୍ୟା । ତାଙ୍କ କଅଁଳ ପାପୁଲିକୁ ଚୁପ ଦେଲି । ଚୁପ ପ୍ରତିଚୁପ ଭିତରେ ମୋର ରକ୍ତରେ ନିଆଁ ।

ସକାଳ ହେଲା । ମାସିମା କାହାନ୍ତି ? ମୋ ଖଟ ତଳକୁ ଲତା ଶୋଇଛି । ବେଶ ବାସ ଅସଂଯତ ।

ଉଠି ବାହାରକୁ ଯାଇ ଦେଖିଲି, ଗୋଟିଏ ଝାଉଁଗଛକୁ ଆଉଜି କରି କରି କାନ୍ଦୁଛନ୍ତି ମାସିମା । ମୁଁ ତାଙ୍କୁ ଏକୁଟିଆ ପାଇ କୋଳକୁ ଆଉଜାଇ ଆଣି ପଚାରିଲି, କାହିଁକି କାନ୍ଦୁଛ ?

— ତୁମକୁ କେତେ ବର୍ଷ ?

ଆଲିଙ୍ଗନ ଭିତରେ ଭିଡ଼ି ଧରି କହିଲି—ତେଇଶି ।

—ଚେଇଣି···ଚେଇଣି···ସେ ଥିଲେ ତାଙ୍କୁ ଆଜ ହୋଇ-ଆନ୍ତା ଚେସ୍ଥାଲଣି । (ସେ ନଜକୁ ମୋ ଆଲଙ୍ଗନରୁ ମୁକ୍ତ କର ଧାଇଁଗଲ ।)

ତାପରେ ସେ ବହୁବାର ଆସିଛୁ । ଚୁମ୍ବନ, ଆଲଙ୍ଗନ ଭିତରେ ଦେହ ଲାଗି ମୋର ସମସ୍ତ ନିବେଦନ ସେ ପ୍ରତ୍ୟାଖ୍ୟାନ କରୁଥିଲ । ଆଖିରେ ଆଖିଏ ଲୁହ ନେଇ ସେଇ କାଠ ଚମ୍ପାର ଛାଇ ତଳେ ତାର ଅନାବୃତ ବୁକୁର ସ୍ଥଳ ପଦ୍ମକୁ ମୋ ଅଞ୍ଜଳି-ପୁଟରେ ତୋଳି ଦେଇ ମୋ ଗଣ୍ଡରେ ତାର ଚଟୁଳ ଅଧରରୁ ଅମୃତ, ନୟନରୁ ଅଶ୍ରୁ ଢ଼ାଳି ସେ କହେ—ଏତିକି ମୋର କାମ୍ୟ, କାମନା—ଏତିକରେ ମୋର ପୂର୍ଣ୍ଣତା···

ଏକ ରବିବାସରୀୟ ଅପରାହ୍ଣରେ ସେ ଆସିଥିଲ । ତାର ଆଲଙ୍ଗନ, ପ୍ରାଣଭର୍ଗ ଚୁମ୍ବନରେ ମୁଁ ଉତ୍ତେଜିତ ହୋଇ ତାର ନୀବିବନ୍ଧନ ଶିଥିଳ କର ଦେଲି । ସେ ମୋ ହାତ ଭିଡ଼ି ଧର ଗମ୍ଭୀର ସ୍ୱରରେ କହିଲ—ନା

କାହିଁକି ?

ଜଣ ଅଛୁ ଏ ଦେହରେ ପ୍ରବୀର—ଗୋଟିଏ ପରେ ଗୋଟିଏ ତିନୋଟି ମୃତ ବିକଳାଙ୍ଗ ସନ୍ତାନକୁ ଜନ୍ମ କର ଏ ଦେହରେ କି ଆକର୍ଷଣ ଅଛୁ ତୁମ ଭଳି ତେଇଶି ବର୍ଷର ତରୁଣ ମନ ଲାଗି ?

✳✳ଶୁଣ ପ୍ରବୀର, ଅଧୈର୍ଯ୍ୟ ହୁଅନ । ରାଗି ଯାଅନ । ମୁଁ ତୁମକୁ ଭଲ ପାଏ । ଦେହ ମୋର ବଡ଼ କୁହେଁ । ଉଚ୍ଛିଷ୍ଟ ମୋ ଦେହ । ତୁମେ ନାରୀ ଦେହର ପରଚୟ ପାଇନ । ନାରୀ ଦେହର ଉଷ୍ମତା ଅନୁଭବ କରନ । ସତେ ପ୍ରବୀର, ମୋ ଦେହରେ ଉଷ୍ମତା ନାହିଁ, କାମନା ନାହିଁ, ଉତ୍ତେଜନା ନାହିଁ । ଶିଥିଳ ସ୍ତନ···ଶିଥିଳ ମନ ।

ସେ ଶିଥିଳତା ଭିତରେ ମୁଁ ଦେଖିଛି କଠିନତା ରାଣୀ ମୋର !

—ବହୁ ପୁରୁଷ ମୋ ଅଧ୍ୟାପିକା ଜୀବନ ଭିତରେ ଆସିଛନ୍ତି । କିଏ ରାତିଟିଏ ଲାଗି । କିଏ ଅବା ମାସଟିଏ ଲାଗି । **ମୁଁ ବିବାହ କରିବାକୁ ଚାହିଁଛି—ସେମାନେ ଚାହିଁଛନ୍ତି ଦେହ···ଥରୁଟିଏ···ରାତିଟିଏ···ଆଜି କିନ୍ତୁ ବିବାହ ଲାଗି ମୋର କାମନା ନାହିଁ । (ଅଛି କେବଳ ଚୁମ୍ବନ ଆଲିଙ୍ଗନ ପାଇଁ କାମନା !) **ତୁମେ ଲତିକୁ ବିବାହ କର । (ଲତି ମାସିମାଙ୍କ ଭଉଣୀ) ପାଇବ ଅକ୍ଷତ ଦେହର ପରିଚୟ !

ସେଦିନ ମୋର ବାସର । **ଶୁଭ୍ରା ରକ୍ତକ୍ଲାନ୍ତା ଲତିର ପରିଚୟହୀନ ଦେହକୁ ଚାହିଁ ବାହାରକୁ ଉଠି ଆସିଲି ।ଏ ଯେ ମାସିମା···ଏତେ ରାତିରେ ? ବେନାରସୀ ଶାଢ଼ୀ, ସିଲ୍କ ବ୍ଲାଉଜ, ମଥାରେ ଚନ୍ଦନ କୁଙ୍କୁମ । ଜୁଡ଼ାରେ ରଜନୀଗନ୍ଧା ।

ମୋତେ ତୋଳି ନିଅ ପ୍ରବୀର···ଏ ଦେହ ତୁମର···ସେ ମତେ ନିବିଡ଼ ଆଲିଙ୍ଗନ କଲେ । ଚୁମ୍ବନ ପରେ ଚୁମ୍ବନ ଢାଳି ଦେଉଥିଲେ । କୁହ ପ୍ରବୀର, କିଏ ସୁନ୍ଦର, କାହା ଦେହ ତୁମକୁ ଭଲ ଲାଗେ ?

କଣ କହିଥାନ୍ତି—କିଏ ସୁନ୍ଦର···ଜଣକର ଉଜ୍ଜ୍ୱଳ ଦେହ, ମାଂସଳ ବୁକୁ, ଲୋମହୀନ ବାହୁତଟ, ବିପୁଳ ନିତମ୍ବ, ଛଳ ଛଳ ଆଖି···

ଅନ୍ୟର ଉଚ୍ଛଳ ଦେହ, ସ୍ୱର୍ଣ୍ଣାଭ ବକ୍ଷୋଜ, ଗୁରୁ ନିତମ୍ବ, ଲୋମ ବହୁଳ ବାହୁମୂଳ, ଅଶ୍ରୁଳ ଆଖି··· କିଏ ସୁନ୍ଦର !

ବିଳମ୍ବ କରନା…ତୋଳି ନିଅ ମୋର ଦେହ…ଭିଡ଼ି ଧର… ଯାହା ଚାହୁଁଥିଲ ନିଅ…ନିଅ, ସେ ମତେ ନିବିଡ଼ ଆଲିଙ୍ଗନ ଭିତରେ ଚାପି ଧରି ଖୋଜୁଥିଲା କାମନାର ସ୍ୱର୍ଗ ।

"ନା, ମତେ କ୍ଷମା କର ମାସିମା ।"

"କାହିଁକି ? ଓ ତୁମେ ଡରୁଛ, ଡରୁଛ ସାମାନ୍ୟ ଲଜ୍ଜାକୁ, ତାକୁ ମୁଁ ତୁମକୁ ଦେଇଥିଲି—ଜୀବନର ପ୍ରଥମ ନାରୀ ଦେହର ପରିଚୟ ଅକ୍ଷତ କୁମାରୀ ଦେହରୁ ପାଇବ ବୋଲି । ପାଇଲ…ଏଥର ନିଅ; ମତେ ମୁକ୍ତ ଦିଅ । ଇତ୍ୟାଦି ।

କି ସୁନ୍ଦର ସଂକଳନ ! କି ସୁନ୍ଦର ଗଳ୍ପ ! କେବଳ ଗ୍ରାମ୍ୟ ପାଠାଗାର ପାଇଁ ମଞ୍ଜୁରି କରାଇ ନେଲେ ସଂକଳକମାନେ ଉପକୃତ ହେବା ସଙ୍ଗେ ସଙ୍ଗେ ଗ୍ରାମାଞ୍ଚଳର ଲୋକେ ମଧ୍ୟ ଉପକୃତ ହୁଅନ୍ତେ ।

ବାମନଚରଣ ଦାସଙ୍କ ଦ୍ୱାରା ଅଳକା
ମୁଦ୍ରିତ ଓ ତାଙ୍କ ଦ୍ୱାରା ବାଙ୍କାବଜାର, କଟକ—୨ରେ ପ୍ରକାଶିତ
ସ୍ୱତ୍ୱାଧିକାରୀ ଓ ସମ୍ପାଦକ : ବାମନ ଚରଣ ଦାସ